ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at www.paryabekhyak.com

FIND US ON facebook.com/paryabekhyak

FOLLOW US ON TWITTER twitter.com/paryabekhyak

Vol.23 . No.20, Bhubaneswar Tuesday, February 25, 2020 | ୨୩ତମ ବର୍ଷ ସଂଖ୍ୟା-୨୦ ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୨୫, ୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS


# ବିଧାନସଭାରେ ଚାଷୀ ତାତି : ଗୃହ ୧୪ ଥର ମୁଲତବୀ



ଭୁବନେଶ୍ୱର, ୨୪।୨(ପି.ଏନ): ଚାଷୀ ପ୍ରସଙ୍ଗରେ ବିରୋଧୀ ବିଜେପି ଓ କଂଗ୍ରେସ ଦଳର ବିଧାୟକ ମାନଙ୍କ ହଟ୍ଟଗୋଳ କାରଣରୁ ସୋମବାର ଦିନ ବିଧାନସଭାରେ ପ୍ରବଳ ହଟ୍ଟଗୋଳ ହୋଇଛି । ହଟ୍ଟଗୋଳ ଯୋଗୁଁ ଦିନ ତମାମ୍ ଗୃହରେ ଅଚଳାବସ୍ଥା ଲାଗି ରହିଥିଲା। ଫଳରେ ଗୋଟିଏ ଦିନରେ ୧୪ ଥର ଗୃହ ମୁଲତବୀ ହୋଇଥିଲା। ଏହି କାରଣରୁ ବିଧାନସଭାରେ ପ୍ରଶ୍ନୋତର କାର୍ଯ୍ୟକ୍ରମ ଓ ଶୂନ୍ୟକାଳ ହୋଇ ପାରି ନଥିଲା। ଏହାସହ କାର୍ଯ୍ୟସୂଚୀରେ ସ୍ଥାନିତ ହୋଇଥିବା ବିଶ୍ୱବିଦ୍ୟାଳୟ ଗୁଡିକର ଅଡିଟ୍ ରିପୋର୍ଟ ଗୁଡିକ ଉପସ୍ଥାପନ ହୋଇପାରିନଥିଲା କିମ୍ବା ବଜେଟ୍ ଉପରେ ସାଧାରଣ ଆଲୋଚନା ହୋଇପାରିନଥିଲା। ପ୍ରଥମେ ପୂର୍ବାହ୍ନ ୧୦ଟା ୩୦ରୁ ୧ ଟା ୩୦ , ୧୦ ଟା ୩୨ରୁ ୧୨ ଟା , ୧୨ଟା ୨ ରୁ ୧୨ ଟା ୧୭ , ୧୨ ଟା ୧୭ରୁ ୧୨ ଟା ୩୦ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖାଯାଇଥିଲା। ପରେ ୧୨ ଟା ୩୨ରୁ ୧୨ ଟା ୪୨ , ୧୨ ଟା ୪୨ରୁ ୧୨ ଟା ୫୨ , ୧୨ ଟା ୫୨ରୁ ୧୨ ଟା ୫୭ ଏବଂ ୧୨ ଟା ୫୭ରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ଗୃହ ମୁଲତବୀ ରହିଥିଲା। ଅପରାହ୍ନ ୩ ଟାରେ ଦ୍ୱିତୀୟାର୍ଦ୍ଧ ବୈଠକ ଆରମ୍ଭ ହେବା ପରେ ବିରୋଧୀ ଦଳ ସଦସ୍ୟମାନେ ସମାନ ପ୍ରସଙ୍ଗ ନେଇ ହଟ୍ଟଗୋଳ ଆରମ୍ଭ କରିଥିଲେ। ପରେ ଉପବାଚସ୍ପତି ରଜନୀକାନ୍ତ ସିଂହ ଅପରାହ୍ନ ୩ଟା ୧ରୁ ୪ ଟା , ୪ ଟାରୁ ୪ ଟା ୩୦ , ୪ଟା ୩୦ରୁ ୫ ଟା , ୫ ଟାରୁ ୫ ଟା ୩୦ , ୫ ଟା ୩୦ରୁ ୫ ଟା ୪୫ ଏବଂ ୫ ଟା ୪୫ ରୁ ୬ ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ। ୬ ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ ଉପବାଚସ୍ପତି ଗୃହକୁ ଚଳାଇବାରେ ବିଫଳ ହେବାରୁ ୬ ଟା ୧ରୁ ୬ ଟା ୩୦ ଏବଂ ୬ ଟା ୩୦ରୁ ଆସନ୍ତାକାଲି ପୂର୍ବାହ୍ନ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ । ଚାଷୀ ପ୍ରସଙ୍ଗରେ ବିରୋଧୀ ବିଜେପି ଓ କଂଗ୍ରେସ ଦଳର ବିଧାୟକ ମାନଙ୍କ ହଟ୍ଟଗୋଳ କାରଣରୁ ସୋମବାର ଦିନ ବିଧାନସଭାରେ ପ୍ରବଳ ହଟ୍ଟଗୋଳ ହୋଇଥିଲା । ଏହି ପ୍ରସଙ୍ଗକୁ ନେଇ ବିଧାନସଭା ପ୍ରଥମାର୍ଧରେ ସାତ ଥର ମୁଲତବୀ ହୋଇଥିଲା। ଏହି କାରଣରୁ ବିଧାନସଭାରେ ପ୍ରଶ୍ନୋତର କାର୍ଯ୍ୟକ୍ରମ ଓ ଶୂନ୍ୟକାଳ ହୋଇ ପାରି ନଥିଲା। ଏହାସହ କାର୍ଯ୍ୟସୂଚୀରେ ସ୍ଥାନିତ ହୋଇଥିବା ବିଶ୍ୱବିଦ୍ୟାଳୟ ଗୁଡିକର ଅଡିଟ୍ ରିପୋର୍ଟ ଗୁଡିକ ଉପସ୍ଥାପନ ହୋଇପାରିନଥିଲା କିମ୍ବା ବଜେଟ୍ ଉପରେ ସାଧାରଣ ଆଲୋଚନା ହୋଇପାରିନଥିଲା। ବିରୋଧୀ ବିଧାୟକ ମାନଙ୍କ ହଟ୍ଟଗୋଳ କାରଣରୁ ବିଧାନସଭାର ବାଚସ୍ପତି ଗୃହକୁ ୧୦.୩୦ରୁ ଏକ ଘଂଟା ପାଇଁ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ଏହା ପରେ ପୁଣି ଥରେ ୧୧.୩୨ରୁ ୧୨.୦୨ ଯାଏ ମୁଲତବୀ ରଖି ସର୍ବଦଳୀୟ ବୈଠକ ଡାକିଥିଲେ । ମାତ୍ର ଏଥିରେ ମଧ ସମାଧାନର ରାସ୍ତା ବାହାରି ପାରି ନ ଥିଲା ଓ ଏହା ପରେ ପୁଣି ଥରେ ହଟ୍ଟଗୋଳ କାରଣରୁ ଗୃହକୁ ବାଚସ୍ପତି ଆଉ ପାଂଚ ଥର ମୁଲତବୀ କରିଥିଲେ ।ସୋମବାର ଦିନ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ୧୦.୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଆରମ୍ଭରୁ ହିଁ ମୋହନ ମାଝୀଙ୍କ ନେତୃତ୍ୱରେ ବିଜେପି ବିଧାୟକ ମାନେ ତଥା କଂଗ୍ରେସ ବିଧାୟକ ତାରପ୍ରସାଦ ବାହିନୀଙ୍କ ନେତୃତ୍ୱରେ କଂଗ୍ରେସ ବିଧାୟକ ମାନେ ଚାଷୀ ମାନଙ୍କ ସମସ୍ୟା ନେଇ ହଟ୍ଟଗୋଳ କରିଥିଲେ। ଚାଷୀ ମାନଙ୍କର ଧାନ କିଣା ହେଉ ନ ଥିବା, ଧାନ କିଣାରେ କଟନି ଛଟନି ହେଉଥିବା ଓ ଟୋକେନ ମିଳୁ ନ ଥିବା ନେଇ ହଟ୍ଟଗୋଳ କରିଥିଲେ । ଏ ସମ୍ପର୍କରେ ମୁଲତବୀ ପ୍ରସ୍ତାବ ଆଣିଥିଲେ ସୁଦ୍ଧା ଏହାକୁ ସ୍ୱୀକାର କରା ନ ଯିବା ନେଇ ସେମାନେ ବିରୋଧ କରିଥିଲେ । ଅନ୍ୟପକ୍ଷରେ ବିଜେପି ବିଧାୟକ ମୋହନ ଚରଣ ମାଝୀ ବିଜନେସ ଆଡଭାଇଜରୀ କମିଟିରେ ବିଜେପିର ସଂଖ୍ୟା ହିସାବରେ ସେହି ଅନୁସାରେ ବିଜେପି ସଦସ୍ୟଙ୍କୁ ସାମିଲ ନ କରାଯିବା ନେଇ ପ୍ରଶ୍ନ ଉଠାଇଥିଲେ। ବାଚସ୍ପତି ସେମାନଙ୍କୁ ନିଜ ନିଜ ଆସନକୁ ଯିବାକୁ ଅନୁରୋଧ କରିଥିବା ସତ୍ୱେ ବିରୋଧୀ ଦଳର ବିଧାୟକ ମାନଙ୍କର ହଟ୍ଟଗୋଳ ଜାରୀ ରହିଥିଲା। ଏହା ପରେ ବାଚସ୍ପତି ଏକ ଘଂଟା ପାଇଁ ଗୃହକୁ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।ଏହା ପରେ ୧୧.୩୦ରେ ପୁଣିଥରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ବିଜେପି ଓ କଂଗ୍ରେସ ଦଳର ବିଧାୟକ ମାନେ ଗୃହର ମଧ ଭାଗକୁ ଚାଲି ଆସି ନାରାବାଜୀ କରିବା ଆରମ୍ଭ କରି ଦେଇଥିଲେ। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଚାଷୀ ମାରଣ ନାତି ଚାଲିବ ନାହିଁ ବୋଲି ସ୍ଲୋଗାନ ଦେଉଥିଲେ ।ସେ ବାଚସ୍ପତିଙ୍କ ପୋଡିୟମ ଆଡକୁ ଅଗ୍ରସର ହେଉଥିଲେ ।ବାଚସ୍ପତି ବିଧାୟକ ମାନଙ୍କୁ ସେମାନଙ୍କର ସିଟକୁ ଯିବା ପାଇଁ ବାରମ୍ବାର ଅନୁରୋଧ କରୁଥିବା ଦେଖିବାକୁ ମିଳିଥିଲା। ୧୧.୩୨ରେ ବାଚସ୍ପତି କହିଲେ ଯେ ଗୃହର ସଠିକ ପରିଚାଳନା ପାଇଁ ସେ ତାଙ୍କ ପ୍ରକୋଠରେ ସର୍ବଦଳୀୟ ବୈଠକ ଡକାଉଛନ୍ତି । ଏଥି ସହିତ ସେ ଗୃହକୁ ଅଧ ଘଂଟା ଅର୍ଥାତ ୧୨.୦୨ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।ସର୍ବଦଳୀୟ ବୈଠକରେ ଏହାର ସମାଧାନର ରାସ୍ତା ନ ବାହାରିବା କାରଣରୁ ବିରୋଧୀ ଦଳର ବିଧାୟକ ମାନେ ପୁଣି ଧରେ ହଟ୍ଟଗୋଳ କରିଥିଲେ। ଏହା ଫଳରେ ବାଚସ୍ପତି ଗୃହକୁ ପ୍ରଥମେ ୧୨.୦୨ରୁ ୧୨.୧୭ ଯାଏ ୧୫ ମିନିଟ ପାଇଁ ପରେ ୧୨.୨୭ରୁ ୧୨.୩୨ ୧୫ ମିନିଟ ପାଇଁ , ଏହା ପରେ ୧୨.୩୨ରୁ ୧୨.୪୨ ଯାଏ ଦଶ ମିନିଟ ପାଇଁ ତଥା ୧୨.୪୨ରୁ ୧୨.୫୨ ଦଶ ମିନିଟ ପାଇଁ ମୁଲତବୀ ରଖିଥିଲେ ଯ ଏହା ପରେ ବାଚସ୍ପତି ୧୨.୫୨ରୁ ୧୨.୫୭ ପାଂଚ ମିନିଟ ପାଇଁ ମୁଲତବୀ ରଖିଲା ପରେ ୧୨.୫୭ରୁ ଅପରାହ୍ନ ୩ଟା ଯାଏ ଗୃହକୁ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ୩ ଟାରେ ଗୃହରେ ଦ୍ୱିତୀୟାର୍ଦ୍ଧ ବୈଠକ ଆରମ୍ଭ ହୋଇଥିଲେ ହେଁ କାର୍ଯ୍ୟକ୍ରମ ସ୍ୱାଭାବିକ ଭାବେ ଚାଲି ପାରିନଥିଲା। ଫଳରେ ବାଚସ୍ପତି ପୁଣି ଥରେ ଗୃହକୁ ଅପରାହ୍ନ ୩ଟା ୩ରୁ ୪ ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ । ବାଚସ୍ପତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କୁ ୫ ଟି ଜିଲ୍ଲାର ବିଧାୟକମାନଙ୍କ ସହ ବୈଠକ କରି ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ପର୍ଯ୍ୟନ୍ତ ବିଧାନସଭା ସ୍ଥଗିତ ରହିବ ବୋଲି ସେ କହିଛନ୍ତି।



ଅହମ୍ମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଆର୍ନ୍ତଜାତୀୟ ବିମାନ ବନ୍ଦରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସ୍ୱାଗତ କରୁଛନ୍ତି

## ୧୦୦୦ ଟଙ୍କା ଲାଂଚ ନେଇ ବନ୍ଧାହେଲେ ତହସିଲ୍ ନାଜିର୍

କେନ୍ଦ୍ରାପଡ଼ା, ୨୪।୨(ପି.ଏନ):- କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ତହସିଲ୍ ଅଫିସ୍‌ର ନାଜିର୍ ହଜାର ଟଙ୍କା ଲାଂଚ ନେଉଥିବାବେଳେ ଭିଜିଲାନ୍ସ ଦ୍ୱାରା ଧରାପଡିଛନ୍ତି। ତାଙ୍କଠାରୁ କେମିକାଲ୍ ବୋଳା ଲାଂଚ ଟଙ୍କା ଜବତ ହେବା ସହ ତାଙ୍କ ଆଲ୍‌ମିରାରେ ଥିବା ୧୩ ଲକ୍ଷ ୬୯୫ ଟଙ୍କା ଜବତ କରାଯାଇଛି। ଘଟଣା ମୁତାବକ ମହାକାଳପଡା ତହସିଲ୍‌ର ଓଳିହା, ନିଳକଣ୍ଠପୁର ଗ୍ରାମର ଦିଲ୍ଲୀପ ପଟ୍ଟନାୟକ ବ୍ରେନ୍ ଟ୍ୟୁମର ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଲୋଡିଥିଲେ। ତାଙ୍କ ଆବେଦନକୁ ଗ୍ରହଣ କରି ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଚିକିତ୍ସା ପାଇଁ ୩୫ ହଜାର ଟଙ୍କା ସହାୟତା ଆସିଥିଲା। ଏହି ଟଙ୍କା ଦିଲ୍ଲୀପଙ୍କୁ ଚେକ୍ ଆକାରରେ ଦିଆଯିବା ପାଇଁ ମଧ ନିର୍ଦ୍ଦେଶ ରହିଥିଲା। ଦୀର୍ଘ ୬ ମାସ ହେବ ଟଙ୍କା ଆସିଥିବାବେଳେ ଏହାକୁ ଚେକ୍ ଆକାରରେ ଦେବାପାଇଁ ଦିଲ୍ଲୀପ ବାରମ୍ବାର ତହସିଲ୍‌କୁ ଦୌଡି ନାଜିର୍ ଚନ୍ଦ୍ର ଶେଖର ହାଁସଦାଙ୍କୁ ବାରମ୍ବାର ଅନୁରୋଧ କରିଥିଲେ। ମାତ୍ର ନାଜିର୍ ହାଁସଦା ଆଜିକାଲି ଦୌଡାଇ ଦୌଡାଇ ଶେଷରେ ହଜାରେ ଟଙ୍କା ଲାଂଚ ନେଲେ ଚେକ୍ ଦେବେବୋଲି ସର୍ତ୍ତ ରଖିଥିଲେ। ନିରୁପାୟ ହୋଇ ଦିଲ୍ଲୀପ ଭିଜିଲାନ୍ସ ବିଭାଗର ସହାୟତା ଲୋଡିବାରୁ ପୂର୍ବ ପରାମର୍ଶ ମୁତାବକ ସୋମବାର ପୂର୍ବାହ୍ନରେ ଦିଲ୍ଲୀପ ନାଜିର୍‌ଙ୍କୁ ହଜାରେ ଟଙ୍କା ଲାଂଚ ଦେଇଥିବାବେଳେ ପୂର୍ବରୁ ଭିଜିଲାନ୍ସ ଡିଏସ୍‌ପି ସତ୍ୟନାରାୟଣ ରାୟଗୁରୁଙ୍କ ନେତୃତ୍ୱରେ ଏକ ୪ ଜଣିଆ ଟିମ୍ ନାଜିର୍‌ଙ୍କୁ ଟଙ୍କା ସହ ଧରିଥିଲେ। ତାଙ୍କ ଅଫିସ୍ ଆଲ୍‌ମିରାରୁ ୧୩ ଲକ୍ଷ ୬୯୫ ଟଙ୍କା ମଧ୍ୟ ଜବତ କରାଯାଇଥିଲା। ତେବେ ଏଥିରୁ ୧୦ ଲକ୍ଷ ୫୦ ହଜାର ଟଙ୍କା ରାଜସ୍ୱ ଆଦାୟ ଟଙ୍କା ଥିବା ହିସାବ ଦେବାପରେ ସଂପୃକ୍ତ ଟଙ୍କାକୁ ତହସିଲ୍‌ଦାରଙ୍କୁ ହସ୍ତାନ୍ତର କରାଯାଇଛି। ଅବଶିଷ୍ଟ ୨ ଲକ୍ଷ ୬୦ ହଜାର ଟଙ୍କାର କୌଣସି ହିସାବ ମିଳିନାହିଁ। ଏହାସହ ନାଜିର୍ ହାଁସଦାଙ୍କ କେନାଲ୍‌ରୋଡ୍‌ରେ ଥିବା ବାସଗୃହରେ ମଧ ଖାନ୍‌ତଲାସି ଜାରି ରହିଥିବା ଜଣାପଡିଛି। ଏହି ଚଢାଉରେ ଭିଜିଲାନ୍ସ ଏସ୍‌ଆଇ ସୁରେଶ କଅଁର, ଜ୍ଞାନରଂଜନ ଦାସ, ବିଶ୍ୱନାଥ ମହାପାତ୍ର ସତ୍ୟନାରାୟଣ ରାୟଗୁରୁ ପ୍ରମୁଖ ସାମିଲ୍ ଥିଲେ।

## ଆତଙ୍କବାଦୀଙ୍କୁ ରୋକିବାପାଇଁ ଏକାଠି କାମ କରିବାକୁ ଭାରତ-ଆମେରିକା ପ୍ରତିବଦ୍ଧ : ଟ୍ରମ୍ପ୍

ଅହମ୍ମଦାବାଦ୍ , ୨୪।୨(ପି.ଏନ): ଆମେ ଆତଙ୍କବାଦୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଉଛୁ। ପାକିସ୍ତାନ ଉପରେ ଆମେରିକା ଚାପ ପକାଇଛି ।ପାକିସ୍ତାନକୁ ମଧ୍ୟ ଆତଙ୍କବାଦ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ହେବ। ସବୁ ଦେଶକୁ ନିଜକୁ ସୁରକ୍ଷିତ ରଖିବାର ଅଧିକାର ଅଛି। ଆମେରିକା ଓ ଭାରତ ଆତଙ୍କବାଦୀଙ୍କୁ ରୋକିବାପାଇଁ ଏବଂ ସେମାନଙ୍କ ବିଚାରଧାରା ସହ ଲଢିବା ପାଇଁ ଏକାଠି କାମ କରିବାକୁ ପ୍ରତିବଦ୍ଧ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ସୋମବାର ଅହମ୍ମଦାବାଦ୍ ର ମୋଟେରା ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ନମସ୍ତେ ଟ୍ରମ୍ପ୍ କାର୍ଯ୍ୟକ୍ରମରେ ଯୋଗ ଦେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହା ପ୍ରକାଶ କରିଛନ୍ତି। ଟ୍ରମ୍ପ୍ କହିଛନ୍ତି ଯେ ଆଇଏସ୍‌ଆଇଏସ୍ ଓ ବାଗଦାଦୀଙ୍କୁ ଆମେରିକା ମୂଳପୋଛ କରିପାରିଛି। ଆମ ଦେଶ ମଧ୍ୟ ଇସଲାମିକ ଆତଙ୍କବାଦର ଶୀକାର ହୋଇଛୁ ଏବଂ ଏହା ବିରୁଦ୍ଧରେ ଲଢିଛୁ। ସେ ଆହୁରି କହିଥିଲେ ଯେ ସେ ରାଷ୍ଟ୍ରପତି ହେବା ପରେ ପାକିସ୍ତାନ ସୀମାରେ ଥିବା ଆତଙ୍କୀ ସଂଗଠନ ଓ ଆତଙ୍କବାଦୀଙ୍କୁ କାବୁ କରିବାକୁ ଆମେ ପାକିସ୍ତାନ ଉପରେ ଚାପ ପକାଇ ରଖିଛୁ। ଏହାର ବହୁ ସକରାତ୍ମକ ପ୍ରଭାବ ମଧ୍ୟ ପଡିଛି।

## ଘାଟିକିଆରେ ନରହନ୍ତା ଦନ୍ତା ଠାବ

### ହାତୀ ଆକ୍ରମଣରେ ଆହତଙ୍କ ସଂଖ୍ୟା ୫କୁ ବୃଦ୍ଧି

ଭୁବନେଶ୍ୱର, ୨୪।୨(ପି.ଏନ): ପୁରୀ ଜିଲ୍ଲାର ପିପିଲି ଓ ନିମାପଡ଼ା ଅଂଚଳରେ ଗତକାଲି ଆତଙ୍କ ଖେଳାଇଥିବା ନରହନ୍ତା ଦନ୍ତା ହାତୀକୁ ଆଜି ଭୁବନେଶ୍ୱର ଉପକଣ୍ଠସ୍ଥ ଘାଟିକିଆରେ ଠାବ କରିଛି ବନ ବିଭାଗ । ହାତୀଟି ଆର୍ଯ୍ୟୁବେଦିକ ଉଦ୍ୟାନ ଭିତରେ ପଶି ରହିଛି। ହାତୀ ହାବୁଡ଼ରେ ପଡି ଫୁଲେଶ୍ୱରୀ ବସ୍ତିର ଜଣେ ମହିଳା ଆହତ ହୋଇଥିବା ସୂଚନା ମିଳିଛି । ଆହତ ମହିଳାଙ୍କ ସମ୍ପୂର୍ଣ୍ଣ ପରିଚୟ ମିଳିପାରିନାହିଁ । ଅନ୍ୟପକ୍ଷରେ ହାତୀ ଆକ୍ରମଣରେ ଆହତଙ୍କ ସଂଖ୍ୟା ୫କୁ ବୃଦ୍ଧି ପାଇଛି । ବନ ବିଭାଗ କର୍ମଚାରୀ ମାନେ ଏହି ହାତୀର ଗତିବିଧି ଉପରେ ନଜର ରଖିଛନ୍ତି । ସଂନ୍ଧ୍ୟା ସୁଦ୍ଧା ତାକୁ ଚନ୍ଦକା ଜଙ୍ଗଲ ମଧ୍ୟକୁ ଘଉଡ଼ାଇବା ପାଇଁ ଉଦ୍ୟମ ଜାରୀ ରହିଥିବା ଜଣାପଡିଛି । ସମ୍ପୃକ୍ତ ଦନ୍ତାଟି ଗତକାଲି ବିଳମ୍ବିତ ରାତିରେ କଂଟି ଦୟାନଦୀ ବ୍ରିଜ୍ ପାର୍ ହୋଇ ଜଟଣୀ ଅଂଚଳରେ ପ୍ରବେଶ କରିଥିଲା । ହେଲେ ଆଜି ଭୋରରୁ ଘନ କୁହୁଡ଼ି ଯୋଗୁଁ କିଛି ଘଂଟା ଧରି ଦନ୍ତାର ପତା ମିଳିନଥିଲା । ପରେ ଭୁବନେଶ୍ୱର ଉପକଣ୍ଠସ୍ଥ ଘାଟିକିଆରେ ଏହାକୁ ଠାବ କରିଛି ବନ ବିଭାଗ । ପ୍ରକାଶ ଥାଉ କି, ଗତକାଲି ଏହି ଦନ୍ତା ହାତୀ ବରୁଣେଇରୁ ଆସି ପିପିଲି ଓ ନିମାପଡ଼ା ଅଂଚଳର ଜନସାଧାରଣଙ୍କ ମଧ୍ୟରେ ଭୟ ଓ ଆତଙ୍କ ସୃଷ୍ଟି କରିଥିଲା । ଗତକାଲି ଭୋରରୁ ସଂନ୍ଧ୍ୟା ସୁଦ୍ଧା ହାତୀଟି ୪ ଜଣଙ୍କୁ ଦଳିଚକଟି ମାରିବା ସହ ୪ ଜଣଙ୍କୁ ଆକ୍ରମଣ କରି ଗୁରୁତର କରିଥିଲା । ଆଜି ଭୁବନେଶ୍ୱରର ଅନ୍ୟ ଜଣେ ଆହତଙ୍କୁ ମିଶାଇ ହାତୀ ଆକ୍ରମଣରେ ଆହତଙ୍କ ସଂଖ୍ୟା ୫କୁ ବୃଦ୍ଧି ପାଇଛି । ମୃତକ ମାନେ ହେଲେ ପିପିଲି ଥାନା ଅନ୍ତର୍ଗତ ଜମାଲପୁର ଗ୍ରାମର ଅଜୟ ନାୟକ (୪୦), ବଳଙ୍ଗା ଥାନା ଅନ୍ତର୍ଗତ ଗୋପିନାଥପୁର ଗ୍ରାମର ଯୁଗଳ କିଶୋର ଭଞ୍ଜ (୫୯), ଚନ୍ଦ୍ରାଦେଇପୁର ମାଟିଘରର ମକର ପଲେଇ (୬୦), ରାଜତାଇର ଚଇନ ସାହୁ (୪୧) । ସେହିପରି ଆହତ ମାନେ ହେଲେ ଗୋପିନାଥପୁର ଗ୍ରାମର ହାଡୁବନ୍ଧୁ ସାହୁ (୫୫), ବାବନ ପୃଷ୍ଟି (୫୨), ତେରହଳ ଗ୍ରାମର ଛବି ଦେଇ (୪୮) ଏବଂ ଚନ୍ଦ୍ରାଦେଇପୁର ଗ୍ରାମର କାଳିଆ ବେହେରା (୪୦) । ଆହତ ମାନେ ସମ୍ପ୍ରତି ଭୁବନେଶ୍ୱରରେ ଚିକିତ୍ସାଧିନ ଅଛନ୍ତି ।

## ଏସଟିଏଫ୍ ହାତରେ ୨ ବ୍ରାଉନ ସୁଗାର ବେପାରୀ

ଭୁବନେଶ୍ୱର, ୨୪।୨(ପି.ଏନ): ସୋମବାର ଦିନ ଦୁଇଜଣ ବ୍ରାଉନସୁଗାର ବେପାରୀ କୁ ଗିରଫ କରିଛି ସ୍ପେଶାଲ ଟାସ୍କ ଫୋର୍ସ (ଏସଟିଏଫ୍)। ଗିରଫ ଦୁଇ ବ୍ୟବସାୟୀ ହେଲେ ଶେଖ ଶାରୁଖ୍ ଓ ସଞ୍ଜିବ କୁମାର ଦେହୁରି। ଏସଟିଏଫ୍ ର ସ୍ୱତନ୍ତ୍ର ଟିମ ଉଭୟଙ୍କ ନିକଟରୁ ୪୦୫ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ସେମାନେ ଜଲେଶ୍ୱର, ମୁର୍ଶିଦାବାଦ ଏବଂ କୋଲକାତରୁ ବ୍ରାଉନ ସୁଗାର ଆଣି ଭୁବନେଶ୍ୱରରେ କାରବାର କରୁଥିଲେ। ଉଭୟଙ୍କ ନାଁରେ ରହିଛି ପୂର୍ବରୁ ଅନେକ ଅପରାଧିକ ମାମଲା ରହିଥିବା ଜଣାପଡିଛି। ସୂଚନା ଅନୁଯାୟୀ ଏ ପର୍ଯ୍ୟନ୍ତ ଏସଟିଏଫ୍ ବ୍ରାଉନ ସୁଗାର ସ୍ମଗଲିଂ ମାମଲାରେ ୧୩ ଟି ମାମଲା ରୁଜୁ ହୋଇଛି । ବିଭିନ୍ନ ସ୍ଥାନରେ ଚଢାଉ କରି ୨୪ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୧ କେଜି ୨୭୯ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଛି। ଯାହାର ମୂଲ୍ୟ ୧ କୋଟି ରୁ ଉର୍ଦ୍ଧ ହେବ ବୋଲି କ୍ରାଇମବ୍ରାଂଚ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି।

## ଇସ୍ପାତ୍ କ୍ଷେତ୍ରରେ ଭାରତ ଓ ଜାପାନର ମିଳିତ ଉଦ୍ୟମ




ନୂଆଦିଲ୍ଲୀ/ଭୁବନେଶ୍ୱର, ୨୪।୨ (ପି.ଏନ): ଦେଶର ଅର୍ଥନୀତିକୁ ସୁଦୃଢ କରିବା ପାଇଁ ଭାରତ ଏବଂ ଜାପାନ ମିଳିତ ଭାବେ ଇସ୍ପାତ୍ କ୍ଷେତ୍ର ସମେତ ବିଶିଷ୍ଟ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ବୋଲି ସୋମବାରନୂଆଦିଲ୍ଲୀ ଠାରେ ଭାରତ ସରକାରଙ୍କ ଇସ୍ପାତ୍ ମନ୍ତ୍ରଣାଳୟ, ଜାପାନ ସରକାର ଓ ଅନ୍ୟାନ୍ୟ ସହଭାଗୀତାରେ ଆୟୋଜିତ କର୍ମଶାଳା ‘ଅର୍ଥନୀତି ସମୃଦ୍ଧ ପାଇଁ ଇସ୍ପାତ୍‌ର ବ୍ୟବହାରକୁ ବଢାଇବା ପାଇଁ ସମର୍ଥ ପ୍ରକ୍ରିୟା’ରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏହି ଅବସରରେ ଭାରତରେ ନିଜର ଶିଳ୍ପ ପ୍ରତିଷ୍ଠା କରିବାକୁ ଇଚ୍ଛୁକ ଥିବା ଜାପାନର ଉଦ୍ୟୋଗୀ ମାନଙ୍କୁ ନିମନ୍ତ୍ରଣ କରିବା ସହ ଏଠାରେ ଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଆହ୍ୱାନ କରିଥିଲେ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶରେ ଅନେକ ଭିତିଭୂମି ପ୍ରକଳ୍ପରେ ନୀତିଗତ ସଂସ୍କାର ଅଣାଯାଇଛି ଯଥା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସମସ୍ତଙ୍କୁ ପକ୍କା ଘର, ସବୁ ଘରକୁ ଜଳ ଯୋଜନାରେ ସମସ୍ତ ଘରକୁ ନଳ ସାହାଯ୍ୟରେ ପାଣି ଏବଂ ନିକଟରେ ଅତିରିକ୍ତ ୧୬,୦୦୦ କିମି ଉର୍ଜା ପାଇପଲାଇନ ଘୋଷଣା ପ୍ରମୁଖ ଇସ୍ପାତ୍ ଚାହିଦାକୁ ବୃଦ୍ଧି କରିବାରେ ସହାୟକ ହେଉଛି। ମୋଦି ସରକାରରେ ରେଳ ଏବଂ ରାସ୍ତା କ୍ଷେତ୍ର ଅଧିକ ଗୁରୁତ୍ୱ ଦିଆଯାଇଛି। ଯାହା ଇସ୍ପାତ୍‌ର ଚାହିଦାକୁ ବୃଦ୍ଧି କରିବାରେ ପ୍ରମୁଖ କାରଣ ହୋଇଛି । ଦେଶର ଉଭୟ ଉର୍ଜା ଏବଂ ଇସ୍ପାତ୍ କ୍ଷେତ୍ର ପୁଞ୍ଜିନିବେଶ ପାଇଁ ନିଯୁକ୍ତି ସୃଷ୍ଟି କରି ଅଭିବୃଦ୍ଧି ହେବାର ପର୍ଯ୍ୟାୟରେ ଅଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୪ ସୁଦ୍ଧା ଭାରତକୁ ଆମେରିକୀୟ ଡଲାରରେ ୫ ଟ୍ରିଲିୟନ ଅର୍ଥନୀତି କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି । ଭାରତର ଉର୍ଜା ଓ ଇସ୍ପାତ୍ କ୍ଷେତ୍ର ଏଦିଗରେ ଉଦ୍ୟମରତ “ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉର୍ଜାର ଭିତିଭୂମିରେ ୧୦୦ ବିଲିୟନ ଡଲାର ପୁଞ୍ଜିବେଶ କରିବା ପାଇଁ ଘୋଷଣା କରିଛନ୍ତି। ଏହା ସହ କୃଷି ଭଣ୍ଡାର ସମେତ ଇସ୍ପାତ୍ ଚାହିଦାର ବୃଦ୍ଧି ନିମନ୍ତେ ଅନେକ ପଦକ୍ଷେପ ନେଇଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତରେ କଂଚାମାଲର ଅଭାବ ନାହିଁ । ଆମେ ବିକଳ୍ପ ସ୍ୱଚ୍ଛ ଉର୍ଜା ସ୍ରୋତର ସନ୍ଧାନରେ ଦିଗରେ କାର୍ଯ୍ୟ କରୁଛୁ । ଆଜି ବିଶ୍ୱ ଇସ୍ପାତ୍ ଶିଳ୍ପ ପାଇଁ ଭାରତ ସବୁଠୁ ବଡ ଉତ୍କୃଷ୍ଟ ବଜାର ମଧ୍ୟରୁ ଅନ୍ୟତମ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ସାଧାରଣ ଲୋକଙ୍କର ଆକାଂକ୍ଷାକୁ ପୂରଣ କରିବା ପାଇଁ ପାଇଁ ପ୍ରତିଶ୍ରୁତିବଦ୍ଧ । ଆମେ ଇଜ୍ ଅଫ୍ ଡୁଇଂ ବିଜନେସକୁ ଅଧିକ ପ୍ରୋତ୍ସାହନ ଦେଉଛୁ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

## ବିଜେଡି ନେତ୍ରୀଙ୍କ ମୃତ୍ୟୁ ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର, ୨୪।୨(ପି.ଏନ): ବ୍ରହ୍ମପୁରର ବିଜେଡି ନେତ୍ରୀ ମିନାକ୍ଷୀ ମିଶ୍ର ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ପୋଲିସ୍ ମହା ନିର୍ଦ୍ଦେଶକ ଅଭୟ । ପୋଲିସ ଆଇଜି (ମଡର୍ଣ୍ଣାଇଜେସନ) ରେଖା ଲୋହାନୀ ଏହି ମାମଲାର ତଦନ୍ତ କରିବେ। ଉଲ୍ଲେଖନୀୟ ଯେ ମିନାକ୍ଷୀଙ୍କ ଘର ସାମ୍ନାରେ ପାର୍କିଂକୁ ନେଇ ହୋଇଥିବା ଗଣ୍ଡଗୋଳ ଯୋଗୁଁ ତାଙ୍କ ପୁଅକୁ ପୋଲିସ ଗିରଫ କରିଥିଲା । ଏହି ଘଟଣାକୁ ନେଇ ମିନାକ୍ଷୀ ଫେବୃଆରୀ ୧୨ରେ ଏସପିଙ୍କୁ ସାକ୍ଷାତ କରିବାକୁ ଯାଇଥିବାବେଳେ ନିଜ ଦେହରେ କିରୋସିନି ଢାଳି ନିଆଁ ଲଗାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ଏମକେସିଜି ହସ୍ପିଟାରେ ଭର୍ତି କରାଯାଇଥିଲା ।ଏହାପରେ ତାଙ୍କୁ କଟକ ଏସସିବି ମେଡିକାଲ୍ କୁ ସ୍ଥାନାନ୍ତରିତ କରାଯାଇଥିଲା। ଫେବୃଆରୀ ୧୪ରେ ଏସସିବିରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ଗତ ଗୁରୁବାର ଦିନ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ମୃତ୍ୟୁ ଘଟିଥିଲା।

## ମାଟ୍ରିକ୍ ପରୀକ୍ଷା ଶୃଙ୍ଖଳିତ ଭାବେ ଚାଲିଛି : ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୨୪।୨(ପି.ଏନ): ମାଟ୍ରିକ ପରୀକ୍ଷା ସୁରୁଖୁରୁରେ ଚାଲିଛି। ଶୃଙ୍ଖଳାର ସହ ପରୀକ୍ଷା ଚାଲିଛି। ପରୀକ୍ଷା ଚାଲିଥିବା ବେଳେ କେଉଁଠାରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇନାହିଁ ବୋଲି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଂଜନ ଦାଶ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ କେବଳ ଢେଙ୍କାନାଳ ଜିଲ୍ଲାର କଙ୍କଡାହାଡ଼ରେ ଏସମ୍ପର୍କିତ ଅଭିଯୋଗ ଆସିଥିଲା। ସେ ଉକ୍ତ ଘଟଣାରେ ପୋଲିସ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଇଛି। ମାଟ୍ରିକ ପରୀକ୍ଷା କେନ୍ଦ୍ରଠାରୁ ୧୦୦ ମିଟର ଦୂରତା ଯାଏ ୧୪୪ ଧାରା ଲାଗୁ ହୋଇଛି। ଯେଉଁଠାରେ ଏହାର ଉଲ୍ଲଙ୍ଘନ ହେଉଥିବାର ପ୍ରମାଣ ମିଳିବ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବ ବୋଲି ମନ୍ତ୍ରୀ କହିଛନ୍ତି।

## ବଢ଼ିଲାଣି ତାତି ; କଣାସ ବ୍ଲକରେ ପାନୀୟ ଜଳ ସଙ୍କଟ

କଣାସ, ୨୪।୨(ପି.ଏନ): ରାଜ୍ୟରେ ଏବେଠାରୁ ତାତି ବଢ଼ିବାରେ ଲାଗିଛି । ଧିରେ ଧିରେ ଗ୍ରୀଷ୍ମର ପ୍ରଭାବ ଆରମ୍ଭ ହେବାକୁ ଯାଉଥିବାବେଳେ ପୁରୀ ଜିଲ୍ଲାରେ ଚିଲିକା ଉପକୂଳରେ ଅବସ୍ଥାପିତ କଣାସ ବ୍ଲକରେ ବର୍ଷସାରା ପାନୀୟ ଜଳ ସମସ୍ୟା ଲାଗି ରହୁଛି । ଏପରିକି ପ୍ରତି ବର୍ଷ ଗ୍ରୀଷ୍ମ ସମୟରେ ତାହା ଉତ୍କଟ ରୂପ ଧାରଣ କରୁଛି । ବର୍ତମାନ କଣାସ ବ୍ଲକରେ ଅନେକ ଗ୍ରାମରେ ପାନୀୟ ଜଳପାଇଁ ଜନସାଧାରଣ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି। ଖବର ନେବାରେ ଜଣାପଡିଛି କଣାସ ବ୍ଲକର ୨୮ଟି ଗ୍ରାମପଂଚାୟତର ୧୩୯ଟି ରାଜସ୍ୱଗ୍ରାମ ଓ ୧୦୮ଟି ପଡାଗ୍ରାମର ୧ ଲକ୍ଷ ୬୦ ହଜାର ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ୯୦୦ଟି ନଳକୂପ ଓ ୬୦ଟି ଗଭୀରକୂପ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଖନନ କରାଯାଇଥିଲା। ସେଥି ମଧ୍ୟରୁ ଅର୍ଦ୍ଧାଧିକ ନଳକୂପରୁ ଲୁଣିପାଣି ବାହାରିବାରୁ ତାହା ପାନୀୟ ଅନୁପଯୋଗୀ ହେବାରୁ ସେହି ନଳକୂପ ଗୁଡିକ ଧିରେ ଧିରେ ଅଚଳହୋଇ ପଡିଛି। ଜଳପତନ ହ୍ରାସଯୋଗୁ ଅନେକ ନଳକୂପରୁ ମାଟି ପଙ୍କ ମିଶ୍ରିତ ଗୋଳିଆପାଣି ବାହାରିବାରୁ ଏବଂ ବାରମ୍ବାର ଏନେଇ ଆନ୍ଦୋଳନ ହେବାରୁ ହାତ ଗଣତି କେତୋଟି ସ୍ଥାନରେ ପାଇପ୍ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି । ଦୟାନଦୀର ବେଣାଗାଁ, ପାଣ୍ଡିଆକେରା, ଜଙ୍କିଆ, ଗଡିଶାଗୋଦା, ଗୋପିନାଥପୁର, ଲୁଣାନଦୀର କରମଳା, ବିଜିପୁର, ମକରା ନଦୀର ଚୁପୁରିଙ୍ଗି, ସୁନାଖେଳା, ବଡାଲ, ରାଜୁଆ ନଦୀର ଢୋଲପାଟଣା, ଗଡବଡପୁଟ ଠାରେ ପାଇପ୍ ଜଳ ପ୍ରକଳ୍ପ ନିର୍ମାଣ କରାଯାଇ କେତୋଟି ହାତ ଗଣତି ଗ୍ରାମକୁ ପାନୀୟ ଜଳ ଯୋଗାଣ ଚାଲିଥିବାବେଳେ ସେହି ପାନୀୟଜଳ ବିଶୁଦ୍ଧ ହୋଇନଥିବାରୁ ତାହା ପାନୀୟ ଅନୁପଯୋଗୀ ହୋଇଛି । ଫଳରେ ଏଠାରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି । ବିଶେଷ କରି ଦୟା ନଦୀରେ ଭୁବନେଶ୍ୱର ସହରର ନର୍ଦ୍ଦମା ଜଳ ମିଶୁଥିବାରୁ ନଦୀଜଳ ଦୂଷିତ ହେଉଛି। ପାଇପ୍ ଜଳ ପ୍ରକଳ୍ପରେ ବସିଥିବା ଫିଲ୍ଟର ଗୁଡିକ ନିମ୍ନ ମାନର ହୋଇଥିବାରୁ ସମସ୍ତ ପାଇପ୍ ଜଳ ପ୍ରକଳ୍ପର ଫିଲ୍ଟର ଗୁଡିକ ଅଚଳ ହୋଇପଡିଛି। ଯାହାଦ୍ୱାରା କି ନଦୀର ଦୂଷିତ ଜଳ ସିଧା ଜନସାଧାରଣଙ୍କ ପାଖରେ ପହଂଚୁଛି। ଦୟାନଦୀରେ ତିରିମଲଠାରେ କେତେକ ବ୍ୟକ୍ତି ଦୟାନଦୀର ମୁହଁକୁ ବନ୍ଦ କରିଦେଇଥିବାରୁ ଦୟା ନଦୀରେ ଜଳ ପ୍ରବେଶ ନକରି ସିଧା ରାଜୁଆ ନଦୀରେ ଜଳ ଭାସିଯାଉଛି। ଯାହାଦ୍ୱାରାକି ପାଣ୍ଡିଆକେରା ଜଳ ପ୍ରକଳ୍ପ ନଦୀରେ ଜଳ ନଥିବାରୁ ବନ୍ଦ ହୋଇଯାଇଥିବାବେଳେ ବେଣାଗାଁ, ଜଙ୍କିଆ, ଗଡିଶାଗୋଦା ପାଇପଜଳ ପ୍ରକଳ୍ପ ନଦୀର ଜଳ ଅଭାବଯୋଗୁ ପ୍ରଭାବିତ ହେଉଛି। କଣାସ ପାନୀୟ ଜଳ ପ୍ରକଳ୍ପର କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାଙ୍କୁ ଏନେଇ ପଚାରିବାରୁ ସେ କୁହନ୍ତି, ଦୟାନଦୀରେ ଜଳ ଆସୁନଥିବାରୁ କେତୋଟି ପାନୀୟଜଳ ପ୍ରକଳ୍ପ ପ୍ରଭାବିତ ହେଉଛି। ପୁରୀ ଜଳସେଚନ ବିଭାଗ, ଖୋର୍ଦ୍ଧା ଜଳସେଚନ ବିଭାଗ ଓ ପୁରୀ ଜିଲ୍ଲାପାଳ ତୁରନ୍ତ ତିରିମଲଠାରେ ଦୟାନଦୀ ମୁହଁ ଖନନ କରିବା ସହିତ ଜଳକ୍ଳିଷ୍ଟ ଗ୍ରାମମାନଙ୍କୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି।

## ଜଳଛାୟା ବିଭାଗ ଛଟେଇ କର୍ମଚାରୀ ମାନଙ୍କ ବିରୁଦ୍ଧରେ ଅର୍ଥ ହେରଫେର ଅଭିଯୋଗର ତଦନ୍ତ

କନ୍ଧମାଳ, ୨୪।୨(ପି.ଏନ):ଚାଷୀ ଓ ଚାଷର ଉନ୍ନତି ସହ ଜଳସେଚନର ସୁବିଧା, ଜମି ମରାମତି ଆଦି କାର୍ଯ୍ୟ ପାଇଁ ସରକାର ଜଳଛାୟା ଯୋଜନା ତଥା ପ୍ରଧାନମନ୍ତ୍ରୀ ସିଂଚାଇ କାର୍ଯ୍ୟକ୍ରମ ଜରିଆରେ କୋଟି କୋଟି ଟଙ୍କା ଅନୁଦାନ ଅନୁଦାନ ଯୋଗାଇ ଦେଇଥିଲେ। ହେଲେ ଏସବୁ ଅର୍ଥ ସଦବିନିଯୋଗ ନକରି ସିଂହଭାଗ ଅର୍ଥ ବିଭାଗୀୟ ଅସ୍ଥାୟୀ କର୍ମଚାରୀ ମାନେ ଜାଲ କାଗଜପତ୍ର ଜରିଆରେ ପିଆଇଏ ମାନଙ୍କୁ ଚାପ ପକାଇ ଅର୍ଥ ହଡପ କରିଥିବା ନେଇ ଅଭିଯୋଗ ହୋଇଥିଲା। ଫଳରେ ଗତ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଜଳଛାୟା ପିଆଇଏ ମାନଙ୍କ ପାଖରେ ରହି କାର୍ଯ୍ୟ କରୁଥିବା ଅସ୍ଥାୟୀ ଡବ୍ଲୁଡିଟି ମେମ୍ବର ମାନେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହେବାପରେ ଏବେ ଭିଜିଲାନ୍ସ ବିଭାଗ ପକ୍ଷରୁ ଗୁପ୍ତ ତଦନ୍ତ କରାଯାଉଥିବା ଜଣାପଡିଛି। ଏସବୁ ଅସ୍ଥାୟୀ କର୍ମଚାରୀ ମାନେ ସରକାରୀ ଅର୍ଥ ଚଲୁ କରି ଘର, ଜାଗାବାଡି କିଣିବା ସହ ଗାଡିମଟର, ବ୍ୟାଙ୍କ ବାଲାନ୍ସ ରଖିଥିବା ନେଇ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହେବାପରେ ଭିଜିଲାନ୍ସ ଖୋଳତାଡ କରୁଛି। ଏବେ ଗତ ମାର୍ଚ୍ଚ ମାସଠାରୁ ସରକାର ଏହି ଅସ୍ଥାୟୀ କର୍ମଚାରୀ ମାନଙ୍କୁ ବିଦା କରିସାରିଲେଣି।








## ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ପୁରାଣ କାହାଣୀ

# ପ୍ରତି ବର୍ଷ ଭାଙ୍ଗେ ଶିବ ଲିଙ୍ଗ

ହିମାଚଳରେ ଅନେକ ମହାଦେବ ମନ୍ଦିର ରହିଛି । ସବୁ ମନ୍ଦିରର ମହିମା ଅପାର । ସେହିପରି କୁଲ୍ଲୁ ଜିଲ୍ଲାରେ ଏପରି ଏକ ଶିବ ମନ୍ଦିର ରହିଛି ଯେଉଁଠି ପ୍ରତି ବାରବର୍ଷରେ ଥରେ ଶିବଲିଙ୍ଗ ଉପରେ ବିଜୁଳି ପଡ଼ି ଶିବଲିଙ୍ଗ ଖଣ୍ଡ ହୋଇଯାଇଥାଏ । ସ୍ଥାନୀୟ ପୂଜାରୀ ଶିବଲିଙ୍ଗ ଉପରେ ଲହୁଣୀ ବୋଲି ଯୋଡ଼ିଦେଇଥାଏ । ପୂଜାରୀ ଲହୁଣି ବା ଘିଅ ବୋଳି ଦେବା ପରେ ଶିବଲିଙ୍ଗଟି ଆପେ ଆପେ ପୂର୍ବାବସ୍ଥାକୁ ଫେରିଆସିଥାଏ । ଏହି ଶିବାଳୟକୁ ସ୍ଥାନୀୟବାସିନ୍ଦା ବିଜୁଳି ମହାଦେବ ମନ୍ଦିର ନାମରେ ସମ୍ବୋଧନ କରିଥାନ୍ତି । ଆଉ କେହି ବଡ଼ ଦେଉଳ ବୋଲି କହିଥାନ୍ତି । କୁଲୁ ସହରରେ ଅବସ୍ଥିତ ବ୍ୟାସ ଏବଂ ପାର୍ବତୀ ନଦୀର ସଂଗମ ସ୍ଥଳରେ ବିଜୁଳି ମହାଦେବ ମନ୍ଦିର ଅବସ୍ଥିତ । ପୌରାଣିକ କଥାନୁଯାୟୀ ଏଠାରେ ଏକ ବିଶାଳ ଅଜଗର ରହୁଥିଲା । ଜଗତ କଲ୍ୟାଣ ପାଇଁ ଭଗବାନ୍ ଶିବ ଉକ୍ତ ଅଜଗରକୁ ବଧ କଲେ । କୁଳାନ୍ତ ନାମକ ଦୈତ୍ୟ ଥିଲେ । ସେ ଇଚ୍ଛାଧାରୀ ହୋଇଥିବାରୁ ଯେକୌଣସି ମୁହୂର୍ତ୍ତରେ ନିଜକୁ ବଦଳାଇଦେଇଥାନ୍ତି । ଥରେ କୁଳାନ୍ତ ଅଜଗର ରୂପ ଧାରଣ କରି କୁଲୁସ୍ଥିତ ମଥାଣ ଗ୍ରାମକୁ ଆସିଥିଲା । ସେ ବ୍ୟାସ ଓ ପାର୍ବତୀ ନଦୀର ସଂଗମରେ ବାସ କରିବାକୁ ଲାଗିଲା । ସେ ଏତେ ବଡ଼ ଥିଲା ଯେ ବ୍ୟାସ ଓ ପାର୍ବତୀ ନଦୀର ଜଳସ୍ତରକୁ ବୃଦ୍ଧି କରାଇଲା ଓ ସ୍ଥାନୀୟ ବାସିନ୍ଦାଙ୍କୁ ଭୟଭୀତ ମଧ୍ୟ କଲା । ଇଚ୍ଛାଧାରୀ କୁଳାନ୍ତର ଏପରି କାଣ୍ଡ ଦେଖି ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇ ମହାଦେବଙ୍କ ଶରଣରେ ପଶିଲେ । । ଭକ୍ତଙ୍କ ସଙ୍କଟକୁ ଦୂର କରିବା ଲାଗି ଭଗବାନ୍ ଶିବ କୁଳାନ୍ତକୁ କହିଲେ ତୁମ ଲାଞ୍ଜରେ ନିଆଁ ଲାଗିଯାଇଛି । ସେ ଭୟଭୀତ ହୋଇ ଯେତେବେଳେ ନିଜ ଲାଞ୍ଜକୁ ଦେଖିଲା ସେହି ସମୟରେ ଭଗବାନ୍ ଶିବ ତ୍ରିଶୂଳରେ



ଅଜଗରକୁ ପ୍ରହାର କଲେ । କୁଳାନ୍ତର ଶରୀର ବହୁତ ବଡ଼ ଥିଲା । ତାହା ଏକ ପାହାଡ଼ ହୋଇଗଲା । ସେହି କ୍ଷଣି ଭଗବାନ୍ ଶିବ ଅଜଗରକୁ ବଧ କରିବା ପାଇଁ ଦେବରାଜ ଇନ୍ଦ୍ରଙ୍କୁ ନିର୍ଦ୍ଦେଶ ଦେଲେ ଯେ ବିଜୁଳି ମାରିବାଲାଗି । ଇନ୍ଦ୍ର ବିଜୁଳି ମାରିବା ଦ୍ୱାରା କୁଳାନ୍ତ ବଧ ହେଲା । ଭଗବାନ୍ ଶିବ ଇନ୍ଦ୍ରକୁ କହିଲେ ୧୨ ବର୍ଷରେ ଥରେ ଏହି ସ୍ଥାନରେ ବିଜୁଳି ମାରିବ । କୁହାଯାଏ ଯେ ଏବେ ବି ଇନ୍ଦ୍ର ବିଜୁଳି ମାରି ଉକ୍ତ ପାହାଡ଼ରେ ଅବସ୍ଥିତ ବିଜୁଳି ଦେବ ମନ୍ଦିରର ଶିବଲିଙ୍ଗକୁ ଦୁଇ ଖଣ୍ଡ କରିଦେଇଥାଏ ଓ ସ୍ଥାନୀୟ ପୂଜାରୀ ଲହୁଣି ଓ ଘିଅ ବୋଳି ଶିବଲିଙ୍ଗକୁ ଯୋଡ଼ିଥାଏ । ଆପେ ଆପେ ଶିବଲିଙ୍ଗଟି ପୂର୍ବାବସ୍ଥାକୁ ଫେରିଆସିଥାନ୍ତି । ମହାଦେବ ଖୋଦ୍ ଚାହାଁନ୍ତି ନାହିଁ କି ଲୋକମାନେ ତଥା ଭକ୍ତମାନେ ବିଜୁଳି ଆଘାତରେ ଶିକାର ହୁଅନ୍ତି । ସେଥିପାଇଁ ସେ ବିଜୁଳି ଆଘାତକୁ ନିଜ ଉପରେ ନେଇ ସହିଥାନ୍ତି । ଯଦ୍ୱାରା ଶିବଲିଙ୍ଗ ଭାଙ୍ଗିଯାଇଥାଏ । ଏହି ମହାଦେବଙ୍କ ଏକ ରଥ ରହିଛି । ରଥରେ ସ୍ୱୟଂ ମହାଦେବ ବିରାଜମାନ ହୋଇ ଦଶହରା ସମୟରେ ସମଗ୍ର କୁଲୁରେ ଦର୍ଶନ ଦେଇଥାନ୍ତି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ମୃତକଙ୍କ ସାଜସଜ୍ଜା



ଧାର୍ମିକ ରୀତି ନୀତି ଏବଂ ମାନ୍ୟତା ଅନୁସାରେ ମୃତ୍ୟୁ ପରେ ମୃତ ଶରୀରର ଅନ୍ତିମ ସଂସ୍କାର କରାଯାଏ। କିଏ ମୃତ ଦେହକୁ ପୋଡ଼ିଥାନ୍ତି ତ ଆଉ କିଏ ଶବକୁ ପୋତି ଦିଅନ୍ତି। ପୋଡ଼ି ଯାଇଥିବା ମୃତ ଦେହ ତ ଆଉ ଫେରେ ନାହିଁ କିନ୍ତୁ କବର ମଧ୍ୟରେ ଥିବା ମୃତ ଶରୀରକୁ ବାହାରକୁ ବାହାର କରିବା କଥା କେବେ ଶୁଣିଛନ୍ତି ? ସାଉଥ୍ ତୋରାଜାରେ ମୃତ ଶରୀରକୁ ସଜେଇ ମୃତ ଆତ୍ମାର ସ୍ୱାଗତ କରାଯାଇଥାଏ । ତୋରାଜା ନିବାସୀମାନେ ମୃତ ଶରୀରକୁ କବର ମଧ୍ୟରୁ ବାହାର କରି, ସେମାନଙ୍କୁ ନୂତନ ବସ୍ତ୍ର ପରିଧାନ କରାଇ, ସଜବାଜ କରାନ୍ତି । ଉକ୍ତ ଅଞ୍ଚଳ ବାସିନ୍ଦାଙ୍କ ମାନ୍ୟତା ହେଉଛି ମୃତ ବ୍ୟକ୍ତିମାନେ ଏହି ପ୍ରକ୍ରିୟା ଜରିଆରେ ପୁନର୍ବାର ନିଜ ସମ୍ପର୍କୀୟଙ୍କ ସହିତ ସାକ୍ଷାତ କରାଇଥାନ୍ତି । ଏପରି ପ୍ରକ୍ରିୟା ପ୍ରତି ୩ବର୍ଷରେ ଥରେ କରାଯାଇଥାଏ। ଏହି କ୍ରିୟାକୁ ଠିକ୍ ସେପରି ହିଁ କରାଯାଇଥାଏ । ଯେପରି ଏକ ଜୀବନ୍ତ ବ୍ୟକ୍ତି ନିଜର ପ୍ରତିଦିନ ଜୀବନରେ ନିୟମକୁ ପୂରା କରୁଛି। ଏଠାରେ ମହିଳାମାନଙ୍କର ମୃତ ଶରୀରକୁ କଣ୍ଢେଇ ରୂପେ ସଜା ଯାଇଥାଏ ଏବଂ ପରେ ଏହି ମୃତ ଶରୀର ଗୁଡ଼ିକୁ ଠିକ୍ ପୂର୍ବ ଭଳି କବର ମଧ୍ୟରେ ରଖିଦିଆଯାଇଥାଏ।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପଶିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ଼ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ’ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା’ନ୍ତି ଚିତାଙ୍କ ଗହଣକୁ। ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା’ନ୍ତି ।

## ବୟଫ୍ରେଣ୍ଡଙ୍କ ସହ ଏକାଠି ରହିବେ କରିସ୍ମା



ସଂଜୟ କପୁରଙ୍କ ସହ ବିବାହ ବିଚ୍ଛେଦ ହେବା ପରେ କରିସ୍ମା କପୁର ବର୍ତ୍ତମାନ ନିଜ ପିଲାମାନଙ୍କ ସହ ବାପା ରଣଧୀର କପୁରଙ୍କ ଘରେ ରହୁଛନ୍ତି। କିନ୍ତୁ ଶୁଣିବାକୁ ମିଳିଛି କି ଖୁବ୍ ଶୀଘ୍ର ସେ ବୟଫ୍ରେଣ୍ଡ ସନ୍ଦୀପ ତୋସାନୀବାଲଙ୍କ ସହ ଲିଭ ଇନ୍ ରିଲେସନସିପ୍‌ରେ ରହିବେ। ସେମାନଙ୍କ ସାଥିରେ କରିସ୍ମାଙ୍କ ଦୁଇ ସନ୍ତାନ ମଧ ରହିବେ। ସନ୍ଦୀପ ମୁମ୍ବାଇର ଏକ ପ୍ରତିଷ୍ଠିତ କମ୍ପାନୀର ସିଇଓ ଅଟନ୍ତି। ସୟଙ୍କ ଠାରୁ ଦୂରେଇ ଯିବା ପରେ କରିସ୍ମା ସନ୍ଦୀପଙ୍କ ନିକଟବର୍ତ୍ତୀ ହେବାରେ ଲାଗିଥିଲେ। ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା। ତେବେ ସନ୍ଦୀପ ମଧ ପୂର୍ବରୁ ବିବାହ କରିଛନ୍ତି।

## ସିକ୍ୱେଲ ପ୍ରିୟ ଫରହାନ୍

ବଲିଉଡ଼ର ଜଣାଶୁଣା ଅଭିନେତା ଓ ଫିଲ୍ମ ମେକର ଫରହାନ୍ ଅଖ୍‌ତର ତାଙ୍କର ଫିଲ୍ମ ‘ଜିନ୍ଦଗି ନା ମିଲେଗି ଦୋବାରା’ର ସିକ୍ୱେଲ୍ ବନାଇବାକୁ ଇଚ୍ଛା ରଖିଛନ୍ତି । ଏହି ଫିଲ୍ମ ୨୦୧୧ରେ ରିଲିଜ ହୋଇଥିଲା । ଫିଲ୍ମ ଜିନ୍ଦଗି ନା ମିଲେଗି ଦୋବାରା ଏକ ରୋଡ଼ ଟ୍ରିପ୍ ଡ୍ରାମା ଥିଲା । ଏବେ ଯଦି ଫିଲ୍ମର ସିକ୍ୱେଲ ବନାଯାଏ ତେବେ ଭଲ ହେବ ବୋଲି ଫରହାନ୍ କହିଛନ୍ତି । ଫିଲ୍ମଟି ତିନି ଜଣ ପିଲାଦିନର ସାଙ୍ଗଙ୍କ କାହାଣୀ, ଯେଉଁଥିରେ ସେମାନେ ବିବାହ ପୂର୍ବରୁ ସ୍ପେନ୍ ଟ୍ରିପ୍‌ରେ ଯାଇଛନ୍ତି ଓ ଅନେକ ବାଧାବିଘ୍ନର ସମ୍ମୁଖୀନ ହୋଇଛନ୍ତି । ଏହି ଫିଲ୍ମର ନିର୍ଦ୍ଦେଶନା ଫରହାନ ଅଖତରଙ୍କ ଭଉଣୀ ଜୋୟା ଅଖତର କରିଛନ୍ତି। ଫିଲ୍ମରେ ଫରହାନ୍‌ଙ୍କ ସହିତ ହ୍ରିତିକ୍ ରୋଶନ୍ ବି ଥିଲେ । ଏବେ କିନ୍ତୁ ଫରହାନ୍ ତାଙ୍କର ‘ରକ୍ ଅନ୍’ ଫିଲ୍ମର ସିକ୍ୱେଲ କାମରେ ବ୍ୟସ୍ତ ଅଛନ୍ତି ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ



ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ଯାହାକୁ ନେଇ ସେଠାକାର କରିଛି । କଥା କ’ଣ ସେହି ଗଛ ପାଲଟିଛି । ସେଠାକାର ଅନେକ ପରେ ତାଙ୍କ ମୃତ ଦେହକୁ ମାଟିରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ସେମାନଙ୍କର ପିଲାମାନଙ୍କୁ ପ୍ରକୃତି । ଏହି ଖାସ୍ ପ୍ରକାରର ଗଛ ନାମକ ସ୍ଥାନରେ ଅବସ୍ଥିତ । ସେ ଗଛରେ ତାଙ୍କର ସମାଧି ବନାଇବା ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଲୋକଙ୍କର ଏକ ଅନ୍ଧବିଶ୍ୱାସ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପୋତିବା ବଦଳରେ ଗଛ ମଧ୍ୟରେ ରହିଛି ସେପରି କଲେ ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ ସେଠାକାର ତାନା ତୋରାଜା ଗାଁର ପିଲାମାନେ ମରିଯିବା ପରେ ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ଖେଳ



## ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक






# ଭାରତ ଏକ ପ୍ରମୁଖ ଡିଜିଟାଲ୍ ସମାଜରେ ପରିଣତ ହେବା ଦିଗରେ ଅଗ୍ରସର: ମୁକେଶ ଅମ୍ବାନି

ମୁମ୍ବାଇ/ଭୁବନେଶ୍ୱର: ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନି ଆଜି କହିଛନ୍ତି ଯେ ଏକ ପ୍ରିମିୟର ଡିଜିଟାଲ୍ ସମାଜରେ ପରିଣତ ହେବାର ଦ୍ୱାର ଦେଶରେ ରହିଛି ଭାରତ ଏବଂ ଏହା ଦୁନିଆର ଶ୍ରେଷ୍ଠ ତିନି ଅର୍ଥନୀତି ମଧ୍ୟରେ ସ୍ଥାନ ପାଇବାକୁ ଯାଉଛି। ଏଠାରେ ଆୟୋଜନ କରାଯାଇଥିବା 'ଫ୍ୟୁଚର ଡିକୋଡେଡ ସିଇଓ ସମ୍ମିଳନୀ'ରେ ମାଇକ୍ରୋସଫ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ନାଡେଲାଙ୍କ ସହିତ ଆଲୋଚନା ବେଳେ ସେ କହିଛନ୍ତି ଯେ, ମୋବାଇଲ୍ ନେଟ୍‌ୱର୍କ ପୂର୍ବାପେକ୍ଷା ଅଧିକ ଦ୍ରୁତ ଗତିରେ ପ୍ରସାର ହେଉଥିବା କାରଣରୁ ବଡ଼ ଧରଣର ପରିବର୍ତ୍ତନ ସହିତ ଏହି ରୂପାନ୍ତରଣ ଘଟୁଛି। ୨୦୧୪ରେ ଯେତେବେଳେ ପ୍ରଧାନମନ୍ତ୍ରୀ ଆମମାନଙ୍କୁ ଡିଜିଟାଲ୍ ଇଣ୍ଡିଆର ଲକ୍ଷ୍ୟ ପ୍ରଦାନ କଲେ ସେହି ଦିନଠାରୁ ଏହା ଆରମ୍ଭ ହୋଇଥିଲା। ୩୮ କୋଟିରୁ ଅଧିକ ଲୋକ ଜିଓର ୪ଜି ପ୍ରଯୁକ୍ତିକୁ ଆପଣେଇଛନ୍ତି। ଜିଓ ପୂର୍ବରୁ ଡାଟା ସ୍ପିଡ୍ ୨୫୬ କେବିପିଏସ୍ ଥିଲା ଓ ଜିଓ ଆଗମନ ପରେ ତାହା ୨୧ ଏମବିପିଏସ୍ ହୋଇଥିବା ସେ କହିଛନ୍ତି। 'ଆମେ ଦୁନିଆର ଶ୍ରେଷ୍ଠ ତିନି ଅର୍ଥନୀତି ଭିତରେ ସ୍ଥାନ ପାଇବାକୁ ଯାଉଥିବା ବିଷୟରେ ମୋ ମନରେ କୌଣସି ଦ୍ୱନ୍ଦ୍ୱ ନାହିଁ। ଏବେ କେବଳ ଏହି ବିତର୍କ ହେବ ଯେ ଏହା ପାଂଚ କିମ୍ବା ଦଶ ବର୍ଷରେ ସଂଘଟିତ ହେବ ବୋଲି ଅମ୍ବାନି କହିଛନ୍ତି। ଭାରତରେ ଆମ ପାଖରେ ପ୍ରିମିୟର ଡିଜିଟାଲ୍ ସମାଜରେ ପରିଣତ ହେବାର ସୁଯୋଗ ରହିଛି ବୋଲି ସେ କହିଛନ୍ତି। ନାଡେଲାଙ୍କ ସହ ଆଲୋଚନା ବେଳେ ଶ୍ରୀଯୁକ୍ତ ଅମ୍ବାନି କହିଛନ୍ତି ଯେ, ତୁମେ କିମ୍ବା ମୁଁ ବଢ଼ିଥିବା ବେଳର ଭାରତ ତୁଳନାରେ ନୂଆ ପିଢ଼ିର ଭାରତୀୟମାନେ ଏକ ଭିନ୍ନ ଭାରତକୁ ଦେଖିବେ। ତୁମେ ଯେତେବେଳେ ୧୯୯୨ରେ ମାଇକ୍ରୋସଫ୍ଟରେ ଯୋଗ ଦେଇଥିଲ ସେତେବେଳେ ଭାରତୀୟ ଅର୍ଥନୀତିର ପରିମାଣ ଥିଲା ୩୦୦ ବିଲିଅନ ଡଲାର। ବର୍ତ୍ତମାନ ଭାରତ ୩ ଟ୍ରିଲିଅନ ଡଲାରର ଅର୍ଥନୀତିରେ ପରିଣତ ହୋଇଛି। ଏହି ସମଗ୍ର ପ୍ରକ୍ରିୟା ପ୍ରଯୁକ୍ତି ଯୋଗୁଁ ସମ୍ଭବପର ହୋଇପାରିଛି ବୋଲି ମୁକେଶ ଅମ୍ବାନି କହିଛନ୍ତି। ଆମେ ଯେତେବେଳେ ଆର୍ଥିକ କ୍ଷେତ୍ର ବିଷୟରେ ଆଲୋଚନା କରୁଛେ ସେତେବେଳେ ମୁଁ କହିବାକୁ ଚାହେଁ ଯେ ଆମେ ନିକଟରେ ୟୁପିଆଇକୁ ଉନ୍ମୋଚନ କରିଥିଲୁ ଏବଂ ଏହା ସହିତ ଡିଜିଟାଲକରଣ ବା ଡିଜିଟାଇଜେସନ୍‌ରେ ୧୦୦% ଅଭିବୃଦ୍ଧି ଘଟିଛି ଏବଂ ଦେଶରେ ମୋଟ୍ ୟୁପିଆଇ କାରବାର ପରିମାଣ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇପାରିଛି। ଯେହେତୁ ଆମ ପାଖରେ ଭିତିଭୂମି ରହିଛି ଆମେ ଦ୍ରୁତ ଗତିରେ ଆଗକୁ ବଢ଼ୁଚୁ ଏବଂ ସମଗ୍ର ଯାତ୍ରାର ଏହା ମାତ୍ର ଶୁଭାରମ୍ଭ ବୋଲି ମୁକେଶ କହିଛନ୍ତି। ସେ କହିଛନ୍ତି ଯେ, 'ରିଲାଏନ୍ସ ଏକ ଷ୍ଟାର୍ଟଅପ୍ ଭାବେ ସ୍ଥାପିତ ହୋଇଥିଲା। ମୋ ବାପା ଏକ ଟେବୁଲ୍ ଓ ଚେୟାର ଏବଂ ଏକ ହଜାର ଟଙ୍କା ନେଇ ପାଂଚ ଦଶନ୍ଧୀ ପୂର୍ବେ ରିଲାଏନ୍ସକୁ ସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ତାହା ଏକ ଲଘୁ ଉଦ୍ୟୋଗରେ ପରିଣତ ହୋଇଥିଲା ଏବଂ ତା' ପରେ କ୍ଷୁଦ୍ର ଶିଳ୍ପରେ ପରିଣତ ହେଲା ଏବଂ ଏବେ ଆପଣମାନେ ଏହାକୁ ବୃହତ ବୋଲି ବିଚାର କରିପାରିବେ।

# ଅବସର ପ୍ରାପ୍ତ ଓଡ଼ିଶା ଆୟକର କର୍ମଚାରୀ ସଂଘର ଦ୍ୱାଦଶ ବାର୍ଷିକ ଅଧିବେଶନ



ଭୁବନେଶ୍ୱର: ଗତକାଲି ଫେବୃଆରୀ ୨୩ ତାରିଖରେ ଅବସରପ୍ରାପ୍ତ ଆୟକର କର୍ମଚାରୀ ସଂଘର ଦ୍ୱାଦଶ ବାର୍ଷିକ ଅଧିବେଶନ ଭୁବନେଶ୍ୱରସ୍ଥିତ ଆୟକର ଭବନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମଗ୍ର ଓଡ଼ିଶାରୁ ଶତାଧିକ ଅବସରପ୍ରାପ୍ତ ବରିଷ୍ଠ ଆୟକର ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ଅଧିବେଶନରେ ସଭାପତିତ୍ୱ କରିଥିଲେ ଓଡ଼ିଶାର ଅବସରପ୍ରାପ୍ତ ଆୟକର ମୁଖ୍ୟଆୟୁକ୍ତ ସ୍ୱରାଜ କୁମାର ମହାନ୍ତି। ମ ।ସୀନ ଥିଲେ ସଂଘର ଉପସଭାପତି ଅବସରପ୍ରାପ୍ତ ପ୍ରଧାନ ଆୟକର ଆୟୁକ୍ତ ଶରତ କୁମାର ଦାଶ, ଅନ୍ୟତମ ଉପସଭାପତି ଅବସରପ୍ରାପ୍ତ ଅତିରିକ୍ତ ଆୟକର ଆୟୁକ୍ତ କୁମୁଦ କୁମାର ନାଥ, ସଂଘର ସାଧାରଣ ସଂପାଦକ ଅବସରପ୍ରାପ୍ତ ଆୟକର ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର ରବୀନ୍ଦ୍ର ନାଥ ମହାନ୍ତି ଓ କୋଷାଧକ୍ଷ ଏ. ଟି. ଖାନ୍। ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓଡ଼ିଶା ଆୟକର ବିଭାଗର ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ପ୍ରଣବ କୁମାର ଦାସ। ଏଥିରେ ସ୍ୱାଗତ ଭାଷଣ ଦେଇଥିଲେ ବ୍ରଜେନ୍ଦ୍ର ନାଥ ମହାନ୍ତି। ଏହି ଅବସରରେ ଯୋଗ ଦେଇଥିବା ବରିଷ୍ଠ ଅବସରପ୍ରାପ୍ତ ଅଧିକାରୀମାନେ ହେଲେ ଅବସରପ୍ରାପ୍ତ ଚେୟାରମ୍ୟାନ୍ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ ପ୍ରସନ୍ନ କୁମାର ମିଶ୍ର, ଅବସରପ୍ରାପ୍ତ ପ୍ରତ୍ୟକ୍ଷ କର ବୋର୍ଡ ସଦସ୍ୟ ସୁଧାକର ମିଶ୍ର, ଅବସରପ୍ରାପ୍ତ ଅତିରିକ୍ତ ମୁଖ୍ୟ ଆୟୁକ୍ତ ସର୍ବଶ୍ରୀ ବିଭାସ ଚନ୍ଦ୍ର ମହାନ୍ତି, ବ୍ରଜ କିଶୋର ସାହୁ, କୈଳାଶ ଚନ୍ଦ୍ର ଷଡ଼ଙ୍ଗୀ, ବିଧୁଭୂଷଣ ମହାନ୍ତି, ଜୟନ୍ତ କୁମାର ହୋତା, ଅଶ୍ୱିନୀ କୁମାର ବେହେରା, ପ୍ରଫୁଲ୍ଲ କୁମାର ଦାସ, ପ୍ରଦୋଷ ଚନ୍ଦ୍ର ମହାନ୍ତି। ଏହି ଅଧିବେଶନରେ ଆୟକର କର୍ମଚାରୀ ସଂଘ ଓଡ଼ିଶାର ସାଧାରଣ ସମ୍ପାଦକ ଚିତ୍ତରଂଜନ ପଟ୍ଟନାୟକ ଓ ଓଡ଼ିଶା ଗେଜେଟେଡ୍ ଅଫିସର ଆସୋସିଏସନ୍ ପକ୍ଷରୁ କବିତାଞ୍ଜଳି ପାଲ୍ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ମଧ ମୁଖ୍ୟଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅନ୍ୟମାନଙ୍କ ମଧରେ ସଂଘର ପୂର୍ବତନ ସଭାପତି ବ୍ରଜସୁନ୍ଦର ନନ୍ଦ, ପୂର୍ବତନ ସଂପାଦକ ସି. ବି. ପାତ୍ର ଓ ସ୍ମରଣିକାର ମୁଖ୍ୟ ସମ୍ପାଦକ ଅବସରପ୍ରାପ୍ତ ଆୟକର ମୁଖ୍ୟ ଆୟୁକ୍ତ ବିଧୁଭୂଷଣ ମହାନ୍ତି ଅଭିଭାଷଣ ପ୍ରଦାନ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସଂଘର କଟକ ଶାଖା ସମ୍ପାଦକ ଅବସରପ୍ରାପ୍ତ ଆୟକର ନିରୀକ୍ଷକ ଜଗବନ୍ଧୁ ସାହୁ।

# ଶ୍ରୀ ମାଲାନି ଫୋମ୍‌ସ ପକ୍ଷରୁ ୫୫ କୋଟି ଟଙ୍କା ପୁଁଜିନିବେଶରେ ଖୋର୍ଦ୍ଧାରେ ନୂଆ ଫୋମ୍ ତିଆରି କାରଖାନାର ନିର୍ମାଣ ଆରମ୍ଭ

ଭୁବନେଶ୍ୱର: ଭାରତର ସ୍ୱାଚ୍ଛନ୍ଦ୍ୟ ଏବଂ ବିଛଣା ଶିଳ୍ପରେ ଅଗ୍ରଣୀ ସ୍ଥାନରେ ରହିଥିବା ଶ୍ରୀ ମାଲାନି ଗ୍ରୁପ୍‌ର ଅଂଶବିଶେଷ ଶ୍ରୀ ମାଲାନି ଫୋମ୍‌ସ ପ୍ରାଇଭେଟ ଲିମିଟେଡ (ଏସ୍ଏମଏଫ୍‌ପିଏଲ) ଖୋର୍ଦ୍ଧାଠାରେ ତାହାର ଉତ୍ପାଦନ କାରଖାନାର ନିର୍ମାଣ କାର୍ଯ୍ୟ ଆରମ୍ଭ ସମ୍ପର୍କରେ ଘୋଷଣା କରିଛି। ୬୦୦୦ ଟନ୍ ପିୟୁ (ପଲିୟୁରେଥେନ୍) ଉତ୍ପାଦନ କ୍ଷମତା ରଖିଥିବା ଶ୍ରୀ ମାଲାନି ଫୋମ୍‌ସର ନିଜ ରାଜ୍ୟ ତେଲେଙ୍ଗାନା ବାହାରେ ଏହା ପ୍ରଥମ କାରଖାନା ହେବାକୁ ଯାଉଛି। ଏଥିସହିତ ଶ୍ରୀ ମାଲାନିର ମୋଟ ଫୋମ୍‌ସ ଉତ୍ପାଦନ କ୍ଷମତା ଚଳିତବର୍ଷ ନୂତନ କାରଖାନା ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାପରେ ୧୫୦୦୦ ଟନ୍‌କୁ ବୃଦ୍ଧିପାଇବ। ଖୋର୍ଦ୍ଧାଠାରେ ୧୮.୫ ଏକର ପରିମିତ ଜମିରେ ସ୍ଥାପନ କରାଯାଉଥିବା ଏହି ଅତ୍ୟାଧୁନିକ କାରଖାନାରେ ଜର୍ମାନୀରୁ ଆମଦାନୀ କରାଯାଇଥିବା ସମ୍ପୂର୍ଣ୍ଣ ଆଧୁନିକ ଯନ୍ତ୍ରପାତି ଖାଯିବ ଏବଂ ପ୍ରକଳ୍ପରେ ମୋଟ ୫୫ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଏହି କାରଖାନାରେ ପ୍ରତ୍ୟକ୍ଷ ଭାବରେ ୧୫୦ ଜଣ ଏବଂ ପରୋକ୍ଷ ଭାବେ ୫୦୦ଜଣ କର୍ମନିଯୁକ୍ତି ପାଇପାରିବେ। ଶିଳ୍ପର ଆକଳନ ଅନୁଯାୟୀ ଭାରତରେ ଫ୍ଲେକ୍ସିବଲ ପିୟୁ ଫୋମ୍ ବଜାର ୩୦୦୦ କୋଟି ଟଙ୍କା ରହିଛି ଏବଂ ସେଥିମଧ୍ୟରେ ଏସ୍ଏମଏଫ୍‌ପିଏଲର ସାମ୍ପ୍ରତିକ ଅଂଶ ୧୦% ରହିଛି ଏବଂ ଆଗାମୀ ୩ବର୍ଷ ମଧ୍ୟରେ ଆଉ ୫% ବଜାର ଅଂଶ ଦଖଲ କରିବାକୁ କମ୍ପାନୀ ଯୋଜନା ରଖିଛି। ଏହି ଅବସରରେ ଶ୍ରୀ ମାଲାନି ଗ୍ରୁପ୍‌ର ଅଧ୍ୟକ୍ଷ ଶ୍ରୀ ପୁରୁଷୋତ୍ତମ ମାଲାନି କହିଛନ୍ତି, 'ଖୋର୍ଦ୍ଧାଠାରେ ନୂଆ ପ୍ରକଳ୍ପ ସ୍ଥାପନ ଦ୍ୱାରା ବଜାରରେ ଆମ ସ୍ଥିତି ଅଧିକ ସୁଦୃଢ଼ ହୋଇପାରିବ ଏବଂ ତାହାସହିତ କମ୍ପାନୀ ଓଡ଼ିଶା ସମେତ ଛତିଶଗଡ଼, ବିହାର, ଝାଡଖଣ୍ଡ, ପଶ୍ଚିମବଙ୍ଗ, ସିକିମ, ଆସାମ ଏବଂ ଅନ୍ୟ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ସହ ସମଗ୍ର ପୂର୍ବ ଭାରତ ବଜାରରେ ଅଧିକ ଭଲଭାବରେ ପ୍ରବେଶ କରିପାରିବ।

## ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡାରେ ଅମୃତସର୍‌ର ଜିଏନ୍‌ଡିୟୁ ୬ଟି ସ୍ୱର୍ଣ୍ଣ ସହ ଶୀର୍ଷରେ ରହିଛି

ଭୁବନେଶ୍ୱର: ଆଜି ପ୍ରଥମ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡାରେ ଅମୃତସର୍‌ର ଗୁରୁ ନାନକ ଦେବ୍ ୟୁନିଭର୍ସିଟି (ଜିଏନ୍‌ଡିୟୁ) ଓ ଚଣ୍ଡୀଗଡର ପାବ ୟୁନିଭର୍ସିଟି ମଧ୍ୟରେ ସମ୍ମାନ ପାଇଁ କଡ଼ା ପ୍ରତିଦ୍ୱନ୍ଦିତା ହୋଇଥିଲା। ୬ଟି ସ୍ୱର୍ଣ୍ଣ ପଦକ ସହ ଗୁରୁନାନକ ଦେବ ୟୁନିଭର୍ସିଟି ଶୀର୍ଷ ସ୍ଥାନରେ ଥିବାବେଳେ ପାବ ୟୁନିଭର୍ସିଟି ୧୬ଟି ପଦକ ଜିତି ସଫଳତା ପାଇଛି। ଜିଏନ୍‌ଡିୟୁର ଏପି ଓ ସାବ୍‌ରେ ବୟେଜ୍ ଫେନ୍ସିଙ୍ଗ୍ ଟିମ୍ ସମସ୍ତ ୬ଟି ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ କୋଲ୍‌ହାପୁରର ଶିବାଜୀ ୟୁନିଭର୍ସିଟି ଉପରେ ବଡ ବିଜୟ ହାସଲ କରିଥିଲେ। ପାବ ୟୁନିଭର୍ସିଟିର ଅନୁରାଗ ଡଗର ୨ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୪ଘ୍୧୦୦ ମିଟର ଫ୍ରିଷ୍ଟାଇଲ ରିଲେ ଟିମ୍‌ର ବିଜୟର ନେତୃତ୍ୱ ନେଇଥିବା ଅନନୁରାଗ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ କ୍ରାଉନ୍ ହାତେଇଥିଲେ। ମିହିର ଆମ୍ବ୍ରେ (ସାବିତ୍ରୀବାଇ ଫୁଲେ ପୁନେ ୟୁନିଭର୍ସିଟି) ଓ ଦାମିନି ଗୌଡ (ରାଜୀବ ଗାନ୍ଧୀ ୟୁନିଭର୍ସିଟି ଅଫ୍ ହେଲ୍‌ଥ ସାଇନ୍ସେସ୍) ମଧ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଆଜି ତୀରନ୍ଦାଜିରେ ପ୍ରିୟଙ୍କା ଠାକ୍‌ରନ୍ (ମହର୍ଷି ଦୟାନନ୍ଦ ୟୁନିଭର୍ସିଟି, ରୋହତକ), ୱାର୍ଲ୍ଡ କ୍ୟାଡେଟ୍ ରକର୍ଡ ଚାମ୍ପିଅନ କୋମୋଲିକା ବାରି (କୋଲ୍‌ହାନ ୟୁନିଭର୍ସିଟି)ଙ୍କୁ ସେମିଫାଇନାଲରେ ପରାଜିତ କରିଥିଲେ। ସେହିପରି ଆୟୋଜକ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି ଖୁବ୍ ଖୁସି ହୋଇଥିଲା ଯେତେବେଳେ ଓଡିଶାର ରିତ ନାୟକ ମେନ୍ସ ରିକର୍ଭ ଫାଇନାଲରେ ପ୍ରବେଶ କରିଥିଲେ। ଆସ'। ବୁଧବାର ଆୟୋଜିତ ହେବାକୁ ଥିବା ଫାଇନାଲରେ ରିତ ପଟିଆଲାର ପାବୀ ୟୁନିଭର୍ସିଟିର ଉର୍ଜ୍ଜଙ୍କୁ ଭେଟିବେ। ଉତ୍କର୍ଷ ସେମିଫାଇନାଲରେ ସାବିତ୍ରୀବାଇ ଫୁଲେ ପୁନେ ୟୁନଭର୍ସିଟିର ଗୌରବ ଲାମ୍ବେଙ୍କୁ ପରାଜିତ କରିଥିଲେ।

# 'ୟୁପିଆଇ'ର ପ୍ରଚାର ଲାଗି ଏନ୍‌ପିସିଆଇର ସଚେତନତା ଅଭିଯାନ

ଭୁବନେଶ୍ୱର: ୟୁନିଫାଏଡ ପେମେଂଟ୍ ଇଂଟରଫେସ୍ (ୟୁପିଆଇ)କୁ ଏକ ସହଜ, ସୁରକ୍ଷିତ ଓ ତତ୍କାଳ ପେମେଂଟ୍ ବିକଳ୍ପ ଭାବେ ପ୍ରସାର କରିବା ଲାଗି ନ୍ୟାସନାଲ୍ ପେମେଂଟସ୍ କର୍ପୋରେସନ୍ ଅଫ ଇଣ୍ଡିଆ (ଏନପିସିଆଇ) ପକ୍ଷରୁ 'ୟୁପିଆଇ ଚଲେଗା' ନାମକ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ପେମେଂଟ୍ ବ୍ୟବସ୍ଥାରେ ଥିବା ସଂସ୍ଥାଗୁଡ଼ିକ ସହିତ ମିଶି ଏନପିସିଆଇ ଏହି ଅଭିଯାନ ଆରମ୍ଭ କରିଛି। ଏହି ଅଭିଯାନର ଲକ୍ଷ୍ୟ ହେଉଛି ଦୈନନ୍ଦୀନ ଜୀବନରେ ୟୁପିଆଇର ବ୍ୟବହାର ବଢ଼ାଇବା ଲାଗି ଲୋକଙ୍କ ବ୍ୟବହାରରେ ପରିବର୍ତ୍ତନ ଆଣିବା। ୟୁପିଆଇ ଆପ୍‌ରେ କାରବାର କରିବା ବେଳେ କେଉଁ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ଦରକାର ତାହାକୁ ମଧ୍ୟ ଏହି ଅଭିଯାନରେ ଧ୍ୟାନ ଦିଆଯାଇଛି। ଭାରତୀୟ ସ୍ମାର୍ଟଫୋନ୍ ଗ୍ରାହକଙ୍କୁ ନଜରରେ ରଖି ଏହି ଅଭିଯାନକୁ ପ୍ରସ୍ତୁତ କରାଯାଇଛି ଯାହା ଗ୍ରାହକମାନଙ୍କୁ ପନିପରିବା କିଣିବା, ପେଟ୍ରୋଲ୍ ପମ୍ପ, ରେଷ୍ଟୋରାଁ, ଇ-କମର୍ସ ଓ ବିଲ୍ ପେମେଂଟ୍ କରିବା ଆଦିରେ କିଭଳି ୟୁପିଆଇକୁ ବ୍ୟବହାର କରିହେବ ସେ ନେଇ ସଚେତନତା ସୃଷ୍ଟି କରୁଛି। କ୍ରିଏଟିଭ୍ ଏଜେନ୍ସି ଓଗିଲଭି ଆଣ୍ଡ ମାଥର (ଓଆଣ୍ଡଏମ୍) ତରଫରୁ ଏହି ଅଭିଯାନ ପାଇଁ ଶ୍ରୀମତୀ ରାଓ ନାମକ ଏକ ଚରିତ୍ର ପ୍ରସ୍ତୁତ କରାଯାଇଛି। ଏଥିରେ ୬ଟି ଟିଭି ବିଜ୍ଞାପନ ପ୍ରସ୍ତୁତ କରାଯାଇଛି। ପ୍ରତି ଟିଭିସିରେ ଶ୍ରୀମତୀ ରାଓ ୟୁପିଆଇର ବ୍ୟବହାର ବିଷୟରେ ସଚେତନତା ବାର୍ତ୍ତା ପ୍ରଦାନ କରୁଛନ୍ତି। ଏହି ଅଭିଯାନର ଶେଷରେ ଦିଆଯାଉଥିବା ବାର୍ତ୍ତା ହେଉଛି 'ବଟଓ୍ୱେ କେ ଜଗହ ମୋବାଇଲ ନିକାଲୋ; ଲେନ ଦେନ କି ନୟି ଆଦତ ଡାଲୋ।'' ଏହି ବିଜ୍ଞାପନକୁ ଟିଭି, ସିନେମା, ଆଉଟଡୋର, ଡିଜିଟାଲ ଏବଂ ରେଡିଓରେ ପ୍ରଦାନ କରାଯିବ। ଏଥିପାଇଁ ୟୁପିଆଇ ଚଲେଗା ଡଟ୍ କମ୍ ନାମରେ ଏକ ମାଇକ୍ରୋ ସାଇଟ୍ ପ୍ରସ୍ତୁତ କରାଯାଇଛି। ଏଥିରେ ୟୁପିଆଇ ଆଇଡି ପଂଜୀକରଣ, ପିନ୍ ପରିବର୍ତ୍ତନ, ଅଭିଯୋଗ ସମାଧାନ, ଟଙ୍କା ପଠାଇବା, ପିନ୍‌ର ଗୋପନୀୟତା ଆଦି ବିଷୟରେ ସୂଚନା ରହିଛି। ପ୍ରବୀଣା ରାୟ, ସିଓଓ, ଏନ୍‌ପିସିଆଇ କହିଛନ୍ତି ଯେ, 'ୟୁପିଆଇ ଚଲେଗା ଅଭିଯାନ ବିଷୟରେ ଘୋଷଣା କରି ଆମେ ଅତ୍ୟନ୍ତ ଉତ୍ସାହିତ।

# ୫ପୈସା ଡଟ୍ କମ୍ ପକ୍ଷରୁ ନିବେଶକଙ୍କ ପାଇଁ ସ୍ୱତନ୍ତ୍ର ପୋର୍ଟଫୋଲିଓ ଆନାଲାଇଜର୍‌ର ଶୁଭାରମ୍ଭ

ଭୁବନେଶ୍ୱର: ୫ପୈସା ଡଟ୍ କମ୍ ପକ୍ଷରୁ ନିବେଶକମାନଙ୍କ ପାଇଁ ସ୍ୱତନ୍ତ୍ର ପୋର୍ଟଫୋଲିଓ ଆନାଲାଇଜର୍ ଉନ୍ମୋଚନ କରାଯାଇଥିବା ବିଷୟରେ ଘୋଷଣା କରାଯାଇଛି। ଅତ୍ୟାଧୁନିକ ଆନାଲିଟିକ୍ସ ସହିତ ସଂସ୍ଥା ଭିତରେ ବିକଶିତ କରାଯାଇଥିବା ପ୍ରଯୁକ୍ତିକୁ ବ୍ୟବହାର କରି ଏହି ପୋର୍ଟଫୋଲିଓ ଆନାଲାଇଜର୍‌କୁ ପ୍ରସ୍ତୁତ କରାଯାଇଛି ଯାହାକୁ ବ୍ୟବହାର କରିବା ବହୁତ ସହଜ। ଷ୍ଟକର ଲାଭ ଓ କ୍ଷତି ବାଦ ଏହା ଭିନ୍ନ ଆନାଲିଟିକ୍ସ ପ୍ରଦାନ କରିବ। ଏ ସଂପର୍କରେ ୫ପୈସା ଡଟ୍ କମ୍‌ର ସିଇଓ ପ୍ରକାଶ ଗଗଦାନି କହିଛନ୍ତି ଯେ, 'ଆଜି ପର୍ଯ୍ୟ' ଆପଣମାନଙ୍କୁ କେବଳ ଷ୍ଟକର ଲାଭ ଓ କ୍ଷତି ପ୍ରଦର୍ଶିତ କରାଯାଉଥିଲା। କିନ୍ତୁ ଏପର୍ଯ୍ୟ' କେହି ପୋର୍ଟଫୋଲିଓର ଅଧିକ ଆନାଲିଟିକ୍ସ ପ୍ରଦାନ କରୁନଥିଲେ। ଭାରତର ପ୍ରଥମ ବ୍ରୋକର ଭାବେ ଆମେ ଏହି ବୈଶିଷ୍ଟ୍ୟର ଶୁଭାରମ୍ଭ କରିଛୁ ଯାହା ଏଭଳି ଅଭିନବ ଟୁଲସ୍ ଆପଣଙ୍କୁ ପ୍ରଦାନ କରିବ ଯାହା ଜରିଆରେ ଆପଣ ନିଜର ପୋର୍ଟଫୋଲିଓକୁ ଅନୁଶୀଳନ କରି ନିବେଶରେ ଉନ୍ନତି ଆଣିପାରିବେ।'' ପୋର୍ଟଫୋଲିଓ ଆନାଲାଇଜର୍‌ରେ ରହିଛି ଏନ୍ଏଭି, ଡିଭିଏମ୍ ସ୍କୋର, ଡିସିସନ୍ ଆନାଲିଟିକ୍ସ, କନସେଟ୍ରେସନ ଆନାଲିସିସ, ରୋଲିଂ ରିଟର୍ଣ୍ଣ, ଭାଲୁଏସନ ଟ୍ରେଣ୍ଡ୍ ଓ ଗ୍ରୋଥ୍ ଟ୍ରେଣ୍ଡ୍ ଭଳି ସୁବିଧା। ଏହି ସବୁ ସୁବିଧାକୁ ବ୍ୟବହାର କରି ନିବେଶକମାନେ ନିଜ ପୋର୍ଟଫୋଲିଓକୁ ବିଭିନ୍ନ ଦିଗରୁ ଅନୁଶୀଳନ କରିପାରିବେ। ସେହି ଅନୁସାରେ ନିଜର ନିବେଶରେ ଆବଶ୍ୟକ ପରିବର୍ତ୍ତନ ଓ ଉନ୍ନତି ଆଣିପାରିବେ। ତିନି ବର୍ଷ ପୁରୁଣା ୫ପୈସା ଡଟ୍ କମ୍ ହେଉଛି ଭାରତର ଏକମାତ୍ର ତାଲିକାଭୁକ୍ତ ଏବଂ ଦ୍ୱିତୀୟ ସର୍ବବୃହତ ଡିସକାଉଂଟ ବ୍ରୋକର। ଏହା କୌଣସି ବ୍ରୋକରେଜ୍ ଫି' ଆଦାୟ କରେ ନାହିଁ ଏବଂ ଯେକୌଣସି ମୂଲ୍ୟ ହେଉ ନା କାହିଁକି ୧୦ ଟଙ୍କାର ଫ୍ଲାଟ୍ ଫି'ରେ କାରବାର କରିବାର ସୁବିଧା ପ୍ରଦାନ କରିଥାଏ। ଅନେକ ହିସାବରୁ ଜଣାପଡ଼ୁଛି ଯେ ଅନ୍ୟ ନିୟମିତ ପ୍ଲାଟଫର୍ମ ତୁଳନାରେ ୫ପୈସା ଡଟ୍ କମ୍‌ରେ ନିବେଶକମାନଙ୍କ ୯୮% ପର୍ଯ୍ୟ' ସଂଚୟ ହୋଇପାରୁଛି।

# ୟୁପ ଶର୍ଭ ଟ୍ରଷ୍ଟ ପକ୍ଷରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ



ଭୁବନେଶ୍ୱର: ମଦରସ ପବ୍ଲିକ ସ୍କୁଲ ପଡିଆରେ ୟୁପ ଶର୍ଭ ଟ୍ରଷ୍ଟ ଆନୁକୂଲ୍ୟରେ ଏକ କ୍ରିକେଟ ମ୍ୟାଚ୍ ଆୟୋଜନ କରାଯାଇଥିଲା ।ବିଜେଡିର ସଂପାଦକ ସନ୍ତୋଷ କୁମାର ଜେନା ଏହାକୁ ଉଦଘାଟନ କରିଥିଲେ । ଏଥଇରେ ଚାରୋଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲରେ ପାୱାର ହିଟର ୧୧ ରନରେ ୟୁପ୍ ୟେଲ୍ଲୋକୁ ପରାସ୍ତ କରିଥିଲା । ପାୱାର ହିଟରର ଅଧିନାୟକ ରମଣୀରଂଜନ ରାଉତରାୟ ପ୍ରଥମେ ଟସ୍ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଓ ନିର୍ଦ୍ଧାରିତ ୧୨ ଓଭରରେ ୧୧୭ରନ ସଂଗ୍ରହ କରିଥିଲା । ୟୁପ୍ ୟେଲ୍ଲୋ ଦଳ ୧୨ ଓଭରରେ ୮ଉଇକେଟ ହରାଇ ୧୦୬ ରନ କରିବାକୁ ସମର୍ଥ ହୋଇଥିଲା । ଫାଇନାଲରେ ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଖେଳକୁ କ୍ଷୀରୋଦ କୁମାର ଦାସ ଓ ଜଗନ କୁମାର ସ୍ୱାଇଁ ପରିଚାଳନା କରିଥିଲେ । ଏହି ଅବସରରେ ୟୁପ୍ ଶର୍ଭ ଟ୍ରଷ୍ଟ ଅଧକ୍ଷ ଦିବ୍ୟଜ୍ୟୋତି ମହାନ୍ତି ଏବଂ ସଂପାଦକ ସୁଦାମ ଚରଣ ସ୍ୱାଇଁ ସଭାପତି ହିରନ୍ୟ କୁମାର ଜେନା ପ୍ରମୁଖ ଆୟୋଜନ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ପପୁ, ସୋନୁ, ବାବୁନି ପ୍ରମୁଖ ସହଯୋଗ କରିଥିଲେ।

# ଓଡ଼ିଶାର ଗାମରେ ଚକ୍ଷୁ ସମସ୍ୟା ଗ୍ଲୁକୋମାର ସମାଧାନ ପାଇଁ ଆଲେର୍‌ଗାନ, ସାଇଟ୍‌ସେଭର୍‌ସ ଏବଂ ଆଇଏପିବି 'କିପ୍ ସାଇଟ' ପ୍ରୟାସ ଘୋଷଣା କରୁଛନ୍ତି

ସାନଖେମୁଣ୍ଡି (ଗାମ): ଆଲେରଗାନ୍, ସାଇଟ୍‌ସେଭର୍‌ସ ଏବଂ ଇଣ୍ଟର ନ୍ୟାସନାଲ ଏଜେନ୍ସି ଫର ଦି ପ୍ରିଭେନ୍‌ସନ ଅଫ ବ୍ଲାଇଣ୍ଡନେସ (ଆଇଏପିବି) ଓଡ଼ିଶାର ଗାମ ଜିଲାରେ କଳାମୋତିଆ (ଗ୍ଲୁକୋମା)ଜନିତ ଦୃଷ୍ଟିହୀନତାକୁ ରୋକିବା ସକାଶେ ଏକ ଗୋଷ୍ଠୀଭିତ୍ତିକ କଳାମୋତିଆ ଯାଞ୍ଚ କରିବାକୁ 'କିପ୍ ସାଇଟ୍ ଇଣ୍ଡିଆ' ନାମରେ ଏକ ସମ୍ମିଳିତ ଅନନ୍ୟ ପ୍ରୟାସ ଆରମ୍ଭ ବିଷୟ ଘୋଷଣା କରିଛନ୍ତି। ଏହାର ପାଇଲଟ୍ ପ୍ରକଳ୍ପ ୨୦୧୯ ଅକ୍ଟୋବରରେ ଶଙ୍କର ନେତ୍ରାଳୟରେ ସାଇଟ୍‌ସେଭର୍‌ସର ସ୍ଥାନୀୟ ଅଂଶୀଦାର ସହିତ ମିଶି ଶୁଭାରମ୍ଭ ହୋଇଥିଲା। ସମ୍ଭାବ୍ୟ ବିପଦରେ ଥିବା ଜନସାଧାରଣଙ୍କୁ ଯାଞ୍ଚ କରିବା, ଶୀଘ୍ର ଓ ସଠିକ ଚିହ୍ନଟକୁ ନିଶ୍ଚିତ କରିବା ଏବଂ ସଠିକ ଚିକିତ୍ସା ତଥା ଦୀର୍ଘସୂତ୍ରୀ ଯତ୍ନ ପ୍ରଦାନକରି କଳାମୋତିଆ (ଗ୍ଲୁକୋମା)ରେ ଆକ୍ରାନ୍ତ ଜନସାଧାରଣଙ୍କ ଉପରେ ଏକ ବ୍ୟାପକ ଚକ୍ଷୁଯତ୍ନ ପ୍ରକ୍ରିୟାର ସମସ୍ତ ପର୍ଯ୍ୟାୟରେ ସକାରାତ୍ମକ ପ୍ରଭାବ ପକାଇବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟସେବା କ୍ଷେତ୍ରର ବୃତ୍ତିଧାରୀଙ୍କ ପାଇଁ ତାଲିମ ପ୍ରଦାନ କରୁଛି। ବିଶ୍ୱ ଭିନ୍ନକ୍ଷମ ଦିବସ ଉପଲକ୍ଷେ ଡିସେମ୍ବର ୩ ତାରିଖରେ ପ୍ରଥମ ଆଉଟରିଚ୍ କ୍ୟାମ୍ପ ଆୟୋଜନ କରାଯାଇଥିଲା ଏବଂ ଏହି ପାଇଲଟ ପ୍ରକଳ୍ପ ଅଧୀନରେ ପରବର୍ତ୍ତୀ ସମୟରେ ଚାରିଟି ଆଉଟରିଚ୍ କ୍ୟାମ୍ପ ଆୟୋଜନ କରାଯାଇଛି। ଆଉଟରିଚ୍ କ୍ୟାମ୍ପ ମଧ୍ୟରେ ଦୃଷ୍ଟି ପରୀକ୍ଷଣ, ଅପବର୍ତ୍ତନ (ରିଫ୍ରାକ୍‌ସନ), ଆଇଓପି ପରିମାପ, ଚକ୍ଷୁ ପଟଳର ଚିତ୍ର ଉତ୍ତୋଳନ, ଚଷମା ବଣ୍ଟନ, କଳାମୋତିଆ (ଗ୍ଲୁକୋମା) ଚିହ୍ନଟ, ଆବଶ୍ୟକସ୍ଥଳେ ସୁପାରିଶ ସେବା, ପରାମର୍ଶ ସେବା ଆଦି ଅନ୍ତର୍ଭୁକ୍ତ। ଆଜି ପର୍ଯ୍ୟନ୍ତ ଏହି ଚାରିଟି ଆଉଟରିଚ୍ ଶିବିରରେ କଳାମୋତିଆ (ଗ୍ଲୁକୋମା) ନିମନ୍ତେ ୮୨୭୬ଜଣ ଲୋକଙ୍କୁ ଯାଞ୍ଚ କରାଯାଇଛି ଏବଂ ସେମାନଙ୍କ ମଧ୍ୟରୁ କଳାମୋତିଆ (ଗ୍ଲୁକୋମା) ହୋଇଥିବା ଆଶଙ୍କା କରାଯାଉଥିବା ୭୪୯ ଜଣଙ୍କୁ ପ୍ରାଥମିକ ହସପିଟାଲକୁ ଯିବା ନିମନ୍ତେ ସୁପାରିଶ କରାଯାଇଛି। ସାଇଟସେଭର୍‌ସ ଇଣ୍ଡିଆ ସିଇଓ ଆର ଏନ ମହାନ୍ତି କହିଛନ୍ତ, 'ଚକ୍ଷୁଯତ୍ନ କ୍ଷେତ୍ରରେ ଦୀର୍ଘ ଅଭିଜ୍ଞତା ଥିବା ଏକ ସଂଗଠନ ଆଲେରଗାନ୍ ସହିତ ଅଂଶୀଦାର ହୋଇ ଆମେ ଅତ୍ୟନ୍ତ ଉଲ୍ଲସିତ। ସାଇଟସେଭର୍‌ସ ମଧ୍ୟ ଆଲେରଗାନ୍ ଭଳି ଚିର ଦୃଷ୍ଟିହୀନତାର ଅନ୍ୟତମ ମୁଖ୍ୟ କାରଣ ପାଲଟିଥିବା କଳାମୋତିଆ (ଗ୍ଲୁକୋମା) ଆକ୍ରା' ଲୋକଙ୍କୁ ଚିହ୍ନଟ କରି ସେମାନଙ୍କୁ ଆବଶ୍ୟକ ସଫଳ ଚିକିତ୍ସା ସମାଧାନ ଯୋଗାଇଦେବାକୁ ପ୍ରତିଶ୍ରୁତିବଦ୍ଧ।

# ଇନଫ୍ଲୁଏ। ବିରୁଦ୍ଧରେ ବ୍ୟାପକ ସୁରକ୍ଷା ପାଇଁ ନୂତନ ଫୋର-ଷ୍ଟ୍ରେଇନ ଫ୍ଲୁ ଭେକସିନ ଏବଟ ଲଂଚ କରିଛନ୍ତି

ଭୁବନେଶ୍ୱର : ଏବଟ ବୈଶିକ ସ୍ୱାସ୍ଥ୍ୟଯତ୍ନ କମ୍ପାନୀ ନିକଟରେ ଏକ ନୂତନ ନିଷ୍କ୍ରିୟ ହୋଇଥିବା କ୍ୱାଡ୍ରଭେଲେଂଟ ଭେକସିନ ଲଂଚ କରିଛନ୍ତି, ଏପ୍ରକାର ପ୍ରଥମ ଉପ-ୟୁନିଟ ଭେକସିନ ଭାରତରେ ଚାରୋଟି ଭୁତାଣୁ ଷ୍ଟ୍ରେଇନ ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରିଥାଏ । ଭାରତରେ ୩ ବର୍ଷରୁ କମ ବୟସ୍କ ଶିଶୁମାନଙ୍କ ବ୍ୟବହାର ପାଇଁ କେବଳ ୦.୫ଏମଏଲ କ୍ୱାଡ୍ରଭେଲେଂଟ ଫ୍ଲୁ ଭେକସିନ ଅନୁମୋଦିତ ହୋଇଛି । ପ୍ରକୃତରେ ୬ ମାସ ପର ଠାରୁ ଶିଶୁମାନଙ୍କୁ ଏବଂ ବୟସ୍କମାନଙ୍କୁ ଏହା ଦିଆଯାଇପାରେ । ୩ ବର୍ଷରୁ କମ ବୟସ୍କ ଶିଶୁମାନଙ୍କ କ୍ଷେତ୍ରରେ ୦.୫ଏମଏଲ ଭେକସିନ ପ୍ରତିରୋଧକ ପ୍ରତିକ୍ରିୟା ଉନ୍ନତ କରିପାରେ । ଏକ ବୈଶିକ ଭାବେ ଅନୁମୋଦିତ ଉତ୍ପାଦ, ଏବଟ ର ଭେକସିନ ଏକା ସାଙ୍ଗରେ ଚାରୋଟି ଭିନ୍ନ ଭିନ୍ନ ଫ୍ଲୁ ଭୁତାଣୁ ବିପକ୍ଷରେ ପ୍ରତିରୋଧକତା ଦେଇ ବ୍ୟାପକ ସୁରକ୍ଷା ପ୍ରଦାନ କରିଥାଏ । ତେଣୁ ଏହାକୁ କ୍ୱାଡ୍ରଭେଲେଂଟ ବା ଟେଟ୍ରଭେଲେଂଟ ଭେକସିନ କୁହାଯାଏ । ଟ୍ରାଇଭେଲେଂଟ ଭେକସିନ ଅ'ର୍ଭୁକ୍ତ କରୁଥିବା ଗୋଟିଏ ବି-ଷ୍ଟ୍ରେଇନ ତୁଳନାରେ ଏହା ଇନଫ୍ଲୁଏ। ଭୁତାଣୁର ଏକ ଦ୍ୱିତୀୟ ବି-ଷ୍ଟ୍ରେଇନ ଅ'ର୍ଭୁକ୍ତ କରିଥାଏ । ସ୍ୱାସ୍ଥ୍ୟ ପ୍ରାଧିକାରୀମାନଙ୍କ ପାଇଁ କୌଣସି ଭେକସିନ ସୁପାରିଶ କରିବା ଜଟିଳ ହୋଇପାରେ । ଏହାର କାରଣ ହେଲା ଭେକସିନ ଷ୍ଟ୍ରେଇନ ଏବଂ ଘୁରି ବୁଲୁଥିବା ଷ୍ଟ୍ରେଇନ ମଧ୍ୟରେ ଏକ ଅମେଳ ହୋଇପାରେ । ତେଣୁ କ୍ୱାଡ୍ରଭେଲେଂଟ ଭେକସିନରେ ଏକ ଅତିରିକ୍ତ ବି-ଷ୍ଟ୍ରେଇନ ଅ'ର୍ଭୁକ୍ତତା ସୁରକ୍ଷା ବ୍ୟାପକ କରିବାରେ ସାହାଯ୍ୟ କରିପାରେ । ବିଶ୍ୱ ସ୍ତରରେ ଏହି ଭେକସିନ ଉପରେ ନିକଟରେ ପ୍ରକାଶିତ ଏକ ଅଧ୍ୟୟନ ଅନୁସାରେ ଟ୍ରାଇଭେଲେଂଟ ଭେକସିନରେ ଥରବା ବୈକଳ୍ପିକ ଆନୁବଂଶିକତା ବି-ଷ୍ଟ୍ରେଇନ ତୁଳନାରେ କ୍ୱାଡ୍ରଭେଲେଂଟ ଭେକସିନ ଇମ୍ୟୁନୋଜେନିସିଟି କିମ୍ବା ପ୍ରତିରୋଧକ ପ୍ରତିକ୍ରିୟା ତୁଳନାତ୍ମକ ନିରାପତା ସହିତ ଶିଶୁମାନଙ୍କ କ୍ଷେତ୍ରରେ ବୃହତର ପ୍ରଦର୍ଶିତ ହୋଇଥିଲା। ଭାରତରେ ଏହା ୩ୟ ପିଢୀର କ୍ୱେଡ୍ରଭେଲେଂଟ ଉପ-ୟୁନିଟ ଫ୍ଲୁ ଭେକସିନ ସର୍ବାଧିକ ଉନ୍ନତ ଫ୍ଲୁ ଭେକସିନ ଅଟେ । ଉପ-ୟୁନିଟ ଭେକସିନର ଲାଭ ହେଲା ଯେ ସ୍ପ୍ଲିଟ ଭେକସିନ ତୁଳନାରେ ଏହା ବିଶୁଦ୍ଧତାର ଏକ ଅଧିକ ସୋପାନ ଦେଇ ଗତି କରିଥାଏ ଏବଂ ତେଣୁ ଅଧିକ ପରିଷ୍କୃତ ଅଟେ । ଏହା ଦ୍ୱାରା ପାର୍ଶ୍ୱ ପ୍ରତିକ୍ରିୟା କମ ହୋଇପାରେ । ଶିଶୁ, ବୃଦ୍ଧ, ଗର୍ଭବତୀ ମହିଳା, ଶ୍ୱାସ ରୋଗୀ ଏବଂ ମଧୁମେହ ରୋଗୀମାନଙ୍କ ସହିତ ଉଚ୍ଚ ସଙ୍କଟ ଗୋଷ୍ଠୀରେ ବୈଶିକ ଭାବେ କରାଯାଇଥିବା ଏକ ନୈଦାନିକ ଅଧ୍ୟୟନରେ ଅନ୍ୟାନ୍ୟ ପ୍ରକାରର ଫ୍ଲୁ ଭେକସିନ ତୁଳନାରେ ଉପ-ୟୁନିଟ ଭେକସିନ ଅଧିଯକତର ସହନଶୀଳତା ଏବଂ ଅନୁକୂଳୀୟ ସୁରକ୍ଷା ପ୍ରୋଫାଇଲ ଦର୍ଶାଇଥିଲା । ଉଚ୍ଚ ସଙ୍କଟ ଜନସଂଖ୍ୟାରେ ଏକ ନିଷ୍କ୍ରିୟ ହୋଇଥିବା ଇନଫ୍ଲୁଏ। ଭେକସିନ ଲାଭଦାୟକ ଅଟେ କାରଣ ଗର୍ଭବତୀ ମହିଳା, ୨ ବର୍ଷରୁ କମ ବୟସର ଶିଶୁ, ବୃଦ୍ଧ ବୟସ୍କ ଏବଂ ପ୍ରତିରୋଧ-ବୁଝାମଣା ରୋଗୀମାନଙ୍କ ଭଳି ଏକ ସେଟର ଲୋକଙ୍କୁ ଏହା ଦିଆଯାଇପାରିବ । ଡା. ଶ୍ରୀରୁପା ଦାସ, ଚିକିତ୍ସିୟ ନିର୍ଦ୍ଦେଶକ, ଏବଟ ଇଣ୍ଡିଆ କହିଲେ, 'ଉଭୟ ୬ ମାସରୁ ଉର୍ଦ୍ଧ ଶିଶୁ ଏବଂ ବୟସ୍କମାନଙ୍କୁ ପ୍ରଦାନ କରାଉଯାଇ ପାରୁଥିବା ଆମର ଫ୍ଲୁ ଭେକସିନର କ୍ୱାଡ୍ରଭେଲେଂଟ ସଂସ୍କରଣର ଲଂଚରେ ଆମେ ରୋମାଂଚିତ ଅଟୁ । ଏହି ନିର୍ଦ୍ଦିଷ୍ଟ ପ୍ରକାରର ଭେକସିନ କମ ପାର୍ଶ୍ୱ ପ୍ରତିକ୍ରିୟା ସହିତ ଭଲ ପ୍ରତିରୋଧକ ପ୍ରତିକ୍ରିୟା ପ୍ରଦାନ କରିଥାଏ । ଫ୍ଲୁ ବିପକ୍ଷରେ ଅଧିକରୁ ଅଧିକ ଲୋକଙ୍କୁ ସୁରକ୍ଷିତ କରିବାକୁ ଏବଟ ର ଏହା ଲଗାତାର ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ ଅଟେ । ଇନଫ୍ଲୁଏ। ର ଥିବା ସମ୍ଭାବ୍ୟ ଗମ୍ଭୀର ପରିଣାମକୁ ଚିହ୍ନଟ କରୁଥିବା 'ମଦର୍ସ ଅଗେନଷ୍ଟ ଇନଫ୍ଲୁଏ।' (ଏମଏଆଇ) ଅଭିଯାନର ଅଂଶ ଭାବରେ ଏବଟ ଇନଫ୍ଲୁଏ। ବିରୁଦ୍ଧରେ ପରିବାରକୁ ସୁରକ୍ଷିତ ରଖିବାର ଗୁରୁତ୍ୱ ସଚେତନତା ବୃଦ୍ଧି କରୁଛି ଯେପରିକି ସେମାନେ ସ୍ୱାସ୍ଥ୍ୟକର ଏବଂ ପୂର୍ଣ୍ଣ ଜୀବନ ବଂଚି ପରିବେ ।'

# ପ୍ରିମିୟମ ପୁରୁଷ ପରିଧାନ ବ୍ରାଣ୍ଡ୍ ଲୁଇ ଫିଲିପ୍ ଭୁବନେଶ୍ୱରରେ ନୂଆ ଷ୍ଟୋର ଖୋଲିଲା

ଭୁବନେଶ୍ୱର - ଭାରତର ପୁରୁଷ ପରିଧାନ କ୍ଷେତ୍ରରେ ଅଗ୍ରଣୀ ପ୍ରିମିୟମ, ଆ'ର୍ଜାତିକ ସୁପର ବ୍ରାଣ୍ଡ୍ ଲୁଇ ଫିଲିପ୍ ଭୁବନେଶ୍ୱର, ଓଡ଼ିଶାରେ ତାହାର ଏକ ନୂତନ ଆକର୍ଷଣୀୟ ସପିଂ ଡେଷ୍ଟିନେସନ ସ୍ଥାପନ କରିଛି। ଆଦିତ୍ୟ ବିର୍ଲା ଗ୍ରୁପ୍ ୧୯୮୯ରେ ଲୁଇ ଫିଲିପ୍ ବ୍ରାଣ୍ଡ୍‌କୁ ଭାରତକୁ ଆଣିଥିଲେ। ଭାରତୀୟ ବଜାରକୁ ପ୍ରବେଶ କରିବା ଦିନଠାରୁ ଏହା ନିଜର କାରିଗରୀ ଶୁଦ୍ଧତା ପାଇଁ କ୍ଲାସିକ ଏବଂ ସମକାଳୀନ ବସ୍ତ୍ର ପରିଧାନ ଶୈଳୀରେ ବିପ୍ଳବ ଆଣିଛି। ନୂଆକରି ଆରମ୍ଭ କରାଯାଇଥିବା ଲୁଇ ଫିଲିପ୍ ଷ୍ଟୋର ଉତ୍କଳ ଗ୍ୟାଲେରିଆ ମଲ୍, କଳ୍ପନା ରୋଡ, ଭୁବନେଶ୍ୱରର ତଳମହଲାରେ ଅବସ୍ଥିତ ଏବଂ ଏହା ୧୨୦୦ ବର୍ଗଫୁଟ ପରିମିତ ଅଂଚଳରେ ପରିବ୍ୟାପ୍ତ। ଏହି ବ୍ରାଣ୍ଡ୍‌ର ସଂପ୍ରତି ଓଡ଼ିଶାରେ ୭ଟି ଷ୍ଟୋର ରହିଛି। ଏହି ଅବସରରେ ଲୁଇ ଫିଲିପ୍‌ର ସିଓଓ ଫରିଦା କଲିୟାଦାନ୍ କହିଛନ୍ତି, 'ଭୁବନେଶ୍ୱରରେ ତୃତୀୟ ଆଉଟଲେଟ ଖୋଲିବା ସହିତ ଓଡ଼ିଶାରେ ଆମର ଉପସ୍ଥିତିକୁ ପରିବ୍ୟାପ୍ତ କରି ଆମେ ଉଲ୍ଲସିତ। ସହରର ଗ୍ରାହକମାନଙ୍କ ବର୍ଦ୍ଧିତ ଚାହିଦା ପୂରଣ କରିବା ଏବଂ ଖୁଚୁରା ବ୍ୟବସାୟ କ୍ଷେତ୍ରର ପ୍ରଗତି ପରିପ୍ରେକ୍ଷୀରେ ଏହି ନୂଆ ଷ୍ଟୋର ଶୁଭାରମ୍ଭ ଆମପାଇଁ ଏକ ଉଲ୍ଲେଖନୀୟ ସଫଳତା ଭାବେ ବିବେଚିତ ହେଉଛି ଏବଂ ଲୁଇ ଫିଲିପ୍ ପାଇଁ ଏହା ସହରର ଗୁରୁତ୍ୱକୁ ପ୍ରତିପାଦିତ କରୁଛି। ଆମେ ଆମ ଷ୍ଟୋର୍‌ରେ ଉତ୍କର୍ଷ ମାନ, ସର୍ବୋତ୍ତମ କାରିଗରୀ ଏବଂ ଅତୁଳନୀୟ ଖୁଚୁରା ବ୍ୟବସାୟର ଅଭିଜ୍ଞତା ପ୍ରଦାନକରି ଆମ ଗ୍ରାହକଙ୍କ ଆଶା ଆକାଂକ୍ଷାଠାରୁ ଯଥେଷ୍ଟ ଆଗରେ ରହିବା ଏବଂ ସେମାନଙ୍କୁ ପରିବର୍ଦ୍ଧିତ ଅନୁଭୂତି ପ୍ରଦାନ କରିବା ଲକ୍ଷ୍ୟ ରଖିଛୁ। ଏହି ଷ୍ଟୋର୍‌ରେ ପ୍ରତ୍ୟେକ ଅବସର ପାଇଁ ପ୍ରିମିୟମ ଫାଶନ୍ ବ୍ରାଣ୍ଡ୍‌ର ବିଶାଳ ସମ୍ଭାର ରହିବ।' ଲୁଇ ଫିଲିପ୍ ଭାରତରେ ପ୍ରିମିୟମ ପୁରୁଷ ପରିଧାନ କ୍ଷେତ୍ରରେ ଅଗ୍ରଣୀ ରହିଛି। ଏହି ବ୍ରାଣ୍ଡ୍ ଗ୍ରାହକଙ୍କର ପରିବର୍ତ୍ତିତ ଆବଶ୍ୟକତା ପୂରଣ ନିମନ୍ତେ ନିର'ର ନିଜକୁ ଆଧୁନିକିକରଣ କରିଚାଲିଛି ଏବଂ ବହୁବିଧ ରେ୍ରେ ଫର୍ମାଲ, ସେମି ଫର୍ମାଲ, କଷ୍ଟମ-ମେଡ୍ ପୋଷାକ ଏବଂ ଆସେସୋରିଜ ଯୋଗାଇ ଦେଉଛି। ଷ୍ଟାଇଲ ପ୍ରତି ସଚେତନ ପୁରୁଷଙ୍କ ଫାଶନ୍ ଆବଶ୍ୟକତା ପୂରଣ ନିମନ୍ତେ ଭୁବନେଶ୍ୱରସ୍ଥିତ ନୂଆ ଷ୍ଟୋର୍‌ରେ ସୁଟ୍, ସାର୍ଟ, ଟ୍ରାଉଜର, ଟି-ସାର୍ଟ, ଜିନ୍‌ସ, ଫୁଟଓ୍ୱିୟର ଏବଂ ଆସେସୋରିଜ ରହିଛି।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ:ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray